ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧ ଡିସେମ୍ବର, ୨୦୨୨

## ଅବକାରୀ ଚଢ଼ାଉ,୩ ଗିରଫ

ଆଠଗଡ/ବାଙ୍କୀ, (ସ୍ୱ.ପ୍ର): ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଖୁଣ୍ଟୁଣୀ, ଗୁରୁଡ଼ିଝାଟିଆ, ବାଙ୍କୀ ଥାନା ଅନ୍ତର୍ଗତ ଛେନାଖିଆ ନୂଆଗାଁ, କୁଷ୍ପଙ୍ଗୀ ଓ ଜାତମୁଣ୍ଡିଆ ଅଞ୍ଚଳରେ ଚଢ଼ାଉ କରାଯାଇଛି। ବିଜୟ କୁମାର ସେନାପତି ଓ ବସନ୍ତ ପ୍ରଧାନ ନାମକ ଦୁଇଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ଯଥାକ୍ରମେ ୨୦ ଓ ୪୦ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ ହୋଇଛି। ସେହିପରି ବାଙ୍କୀ ଥାନା ଅନ୍ତର୍ଗତ ଜାତମୁଣ୍ଡିଆ ଛକରୁ ଓଡି-୦୫ଇ୯୮୮୫ ନମ୍ବର ବୋଲେରୋ ପିକଅପ ଗାଡ଼ି ଜବତ କରିବା ସହିତ ସେଥିରୁ ୧୪୦୦ଲିଟର ମଦ ଜବତ କରାଯାଇଛି। ଗାଡ଼ି ଚାଳକ ବିଶ୍ୱଜିତ ରାଉତଙ୍କୁ ଗିରଫ କରାଯାଇଛି। ଜବତ ମଦର ମୂଲ୍ୟ ଆନୁମାନିକ ୪ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### ପିକ୍‌ଅପ୍ ଭ୍ୟାନ୍ ଚାଳକଙ୍କଠାରୁ ୭୦ ହଜାର ଲୁଟ୍

କଟକ ସଦର, ୩୦।୧୧(ଡି.ଏନ୍.ଏ.)- କଟକ-ପାରାଦୀପ ରାସ୍ତାର ତତଲାପଦା ନିକଟରେ ବୁଧବାର ଦିନ ଦ୍ୱିପ୍ରହରରେ ଏକ ପିକ୍‌ଅପ୍ ଭ୍ୟାନ୍ ଚାଳକଙ୍କଠାରୁ ୭୦ ହଜାର ଟଙ୍କା ଓ ଦୁଇଟି ମୋବାଇଲ ଫୋନ୍ ଲୁଟ୍ ହୋଇଛି। ଏ ନେଇ ପିକ୍‌ଅପ୍ ଭ୍ୟାନ୍ ମାଲିକ ଆନନ୍ଦ ମାଇତ କିଶନ ନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ସକାଳେ ଜଗତ୍‌ସିଂହପୁର ଜିଲା ଏରସମା ନିକଟ ଖଟିକୋଲା ଗ୍ରାମର ଏକ ପିକ୍‌ଅପ୍ ଭ୍ୟାନ୍(ନଂ.ଓଆର୦୫ଏଡବ୍ଲ୍ୟୁ-୯୧୩୫) ମାଛ ନେଇ ଭୁବନେଶ୍ୱର ଯାଇଥିଲା। ସେଠାରେ ମାଛ ବିକ୍ରି କରି ଫେରୁଥିବାବେଳେ ୨ ଜଣ ଯୁବକ ବାଇକ୍‌ରେ ପିଛା କରି ତତଲାପଦା ନିକଟରେ ଗାଡିକୁ ଅଟକାଇଥିଲେ। ପରେ ଚାଳକଙ୍କୁ ଧମକ ଦେଇ ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ହେଲେ ଗାଡ଼ି ଚାଳକ ବାଇକ୍‌ର ନମ୍ବର ଟିପି ରଖିଥିଲେ। ପୋଲିସ ଉକ୍ତ ନମ୍ବର ଯାଞ୍ଚ କରୁଛି।

### ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ଆସୋସିଏଶନ ହଲ୍ ଉଦ୍‌ଘାଟିତ

କଟକ ଅଫିସ,୩୦।୧୧: କଟକସ୍ଥିତ ବୋର୍ଡ ଅଫ୍ ରେଭେନ୍ୟୁ ବାର୍ ଆସୋସିଏଶନ୍ ହଲ୍ ବୁଧବାର ଉଦ୍‌ଘାଟିତ ହୋଇଛି। ଏହାକୁ ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାର୍ ଆସୋସିଏଶନ୍ ସଭାପତି ଦେବାଶିଷ ପାଣିଗ୍ରାହୀ, ସମ୍ପାଦକ ଜ୍ଞାନେନ୍ଦ୍ର ପରିଡ଼ା, ଉପସଭାପତି ଶୁଭାଶିଷ ପ୍ରିୟଦର୍ଶୀ, ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟ ମହାପାତ୍ର ଓ ଅଳକାନନ୍ଦା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କଟକ ସଦର, ୩୦।୧୧(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ ଫକୀରପଡ଼ାସ୍ଥିତ ଗ୍ରୀନ୍ ଭ୍ୟାଲି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଜୟନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅଧ୍ୟାପକ ରଞ୍ଜନ କୁମାର ଲେଙ୍କା ମୁଖ୍ୟ ଅତିଥି, ଚୈତନ୍ୟ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉପାଧ୍ୟକ୍ଷା ସଂଘମିତ୍ରା ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଏହି କ୍ରୀଡାର ୩୦ଟି ବିଭାଗରେ ୧୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### କଲେଜ ଅଧ୍ୟକ୍ଷଙ୍କୁ ବିଦାୟୀ ସମ୍ବର୍ଦ୍ଧନା

କଣ୍ଟାପଡା, ୩୦।୧୧(ଡି.ଏନ୍.ଏ.)- ଗୋବିନ୍ଦପୁର କଲେଜ ଯୁକ୍ତ ୨ର କନିଷ୍ଠ ଅଧ୍ୟକ୍ଷ ଡ. ଅଭିଲାଷ ଚନ୍ଦ୍ର ବେହେରାଙ୍କୁ ବୁଧବାର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ପୁରାତନ ଛାତ୍ରମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି। ଯୁକ୍ତ ୩ ସିନିୟର କଲେଜ ଅଧ୍ୟକ୍ଷ ଗଗନ ବିହାରୀ ବେଉରାଙ୍କ ଅଧ୍ୟକ୍ଷତାରେ କଲେଜ ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ୬୬୨ ବର୍ଗ ଶିକ୍ଷକ ସଂଘ ସଭାପତି ଗୋଲକ ବିହାରୀ ନାୟକ, ମୁଖ୍ୟବକ୍ତା ଭାବେ ସଂଘ ସମ୍ପାଦକ ଶତାବୁଦ୍ଦିନ ଅହମ୍ମଦ, ସମ୍ମାନିତ ଅତିଥି ଭାବେ କାଳନ୍ଦୀ ପାଇକରାୟ, ସେକ୍ କଲିମୁଲା, ଅଧ୍ୟାପକ ପ୍ରେମଜିତ୍ ରାୟ, ପୁରାତନ ଛାତ୍ର ବିମାନ ବିହାରୀ ବେହେରା ଯୋଗଦେଇଥିଲେ। ଯୁକ୍ତ ୨ କଲେଜର ନୂତନ ଅଧ୍ୟକ୍ଷ ତପନ ସାହୁ ଧନ୍ୟବାଦ ଦେଇଥିଲେ।

### ଡ୍ରିମ୍‌ସରେ ଖାଦ୍ୟମେଳା

କଟକ ଅଫିସ,୩୦।୧୧- ଡ୍ରିମ୍‌ସ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ଖାଦ୍ୟମେଳା କ୍ୟାମ୍ପସ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ଭାରତୀୟ ଓ ଚାଇନିଜ୍ ଖାଦ୍ୟପାନୀୟ ରହିଥିଲା। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରିବା ସହ ବିଭିନ୍ନ ଷ୍ଟଲକୁ ଯାଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ବିଷୟରେ ପଚାରି ବୁଝିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଏଭଳି ଖାଦ୍ୟ ମେଳା ଆୟୋଜନ ଛାତ୍ରୀଛାତ୍ରଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ନିର୍ଦ୍ଦେଶକ ଲୋକନାଥ ବେହେରା, ପରୀକ୍ଷା ନିୟନ୍ତ୍ରକ ଡ. ସ୍ନିଗ୍ଧମଧୁସୂଦନ ଦାସ, ପ୍ରାଧ୍ୟାପକ ସୁଶାନ୍ତ ଦାସ, ଡ. ପ୍ରଶାନ୍ତ ଶ୍ରୀବାସ୍ତବ, ଡ. ନୟନ ରଞ୍ଜନ ସାମଲ, ସଚିବ ଚନ୍ଦ୍ରକାନ୍ତ ପଣ୍ଡା, ପ୍ରାଣବନ୍ଧୁ ନାୟକଙ୍କ ସମେତ ପଦ୍ମିନୀ କେୟାରର ଡାକ୍ତର ଓ କର୍ମଚାରୀ ମେଳା ପରିଦର୍ଶନ କରିବା ସହ ଖାଦ୍ୟର ମଜା ନେଇଥିଲେ। ହୋଟେଲ ମ୍ୟାନେଜମେଣ୍ଟ ଉଇଙ୍ଗର ଅଧ୍ୟକ୍ଷ ବିକାଶକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଆୟୁଷ ଜେନା, ଉତ୍କଳକେଶରୀ ଜେନା, ସ୍ମୃତିରଞ୍ଜନ ସେନାପତି, ଖଗେଶ୍ୱର ଜେନା, ଅଧ୍ୟାପିକା ପ୍ରିୟଙ୍କା ଦାସ, ଅର୍ଚ୍ଚନା ପଣ୍ଡା, ମହାଶ୍ୱେତା ନନ୍ଦ, ସର୍ଫରାଜ କାଦ୍ରୀ, ସଂଘମିତ୍ରା ଦାଶ, ସମୀମ୍ ଖାନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁରୁଣା ଜେଲ ପରିସର ଉନ୍ନତୀକରଣ ପାଇଁ ମାଷ୍ଟରପ୍ଲାନ୍

## ପରିଦର୍ଶନ କଲେ ଏମ୍‌ପି, ସିଡିଏ ଅଧ୍ୟକ୍ଷ, ଉପାଧ୍ୟକ୍ଷ

କଟକ ଅଫିସ,୩୦।୧୧



ଏମ୍‌ପି ଭର୍ତ୍ତୃହରି ମହତାବ, ସିଡ଼ିଏ ଅଧ୍ୟକ୍ଷ ଅନିଲ ସାମଲ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ପ୍ରମୁଖ ପୁରୁଣା ଜେଲର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟରେ ଥିବା ପୁରୁଣା ଜେଲ ପରିସରର ଉନ୍ନତୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଜେଲର ୧୫ ନମ୍ବର ୱାର୍ଡର ସ୍ମୃତି ପାଇଁ ଏହି କାର୍ଯ୍ୟ କରାଯିବା ସହ ଏକ ଶିଶୁ ପ୍ରମୋଦ ଉଦ୍ୟାନ ହେବ। ଫଳରେ ସ୍ଥାନୀୟ ଲୋକଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଂଗ୍ରହାଳୟ ବୁଲିବାକୁ ଆସୁଥିବା ଲୋକେ ଏହି ଅଞ୍ଚଳ ବୁଲି ଆମୋଦ ପ୍ରମୋଦ କରିବାର ସୁଯୋଗ ପାଇପାରିବେ ବୋଲି କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ କହିଛନ୍ତି। ସିଡିଏ ଅଧ୍ୟକ୍ଷ ସାମଲଙ୍କ ସହ ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ ଓ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ବୁଧବାର ପୁରୁଣା ଜେଲ ପରିସର ପରିଦର୍ଶନ କରିବା ସହ ଏହାର ଉନ୍ନତୀକରଣ ସମ୍ବନ୍ଧରେ ଅନୁଧ୍ୟାନ କରିଥିଲେ। ପୁରୁଣା ଜେଲ ପରିସରରେ ଥିବା ଖାଲି ସ୍ଥାନ ସହ ସେଠାରେ ଥିବା ଏକାଧିକ ପ୍ରକଳ୍ପକୁ ଯୋଡି ଏକ ସଂଯୁକ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାକୁ ଏମ୍‌ପି ମହତାବ ପ୍ରସ୍ତାବ ଦେଇଥିଲେ। ପର୍ଯ୍ୟଟକମାନେ ପାର୍କରେ ବସି ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ପାଠାଗାରରେ ପଢିବା ଓ ନିକଟରେ ଥିବା ପୋଖରୀରେ ବୋଟିଂ କରିପାରିବେ। ବିଶେଷକରି ସ୍ୱାଧୀନତା ସଂଗ୍ରାମୀମାନେ ରହିଥିବା ପୁରୁଣା ଜେଲ ୧୫ ନମ୍ବର ୱାର୍ଡର ଜୁଭେନାଇଲ ପ୍ରିଜିନ୍ ଆଦିର ସ୍ମୃତିଚାରଣ ପାଇଁ ଅଧିକ ଗୁରୁତ୍ୱ ଦିଆଯିବ। ପ୍ରାଥମିକ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଜୁଭେନାଇଲ ପ୍ରିଜିନ ସ୍ମାରକୀର ଉନ୍ନତୀକରଣ ସହ ଶିଶୁ ପ୍ରମୋଦ ଉଦ୍ୟାନ କାର୍ଯ୍ୟ ଆରମ୍ଭ ହେବ। ଏତଦ୍‌ବ୍ୟତୀତ ବୋଟିଂ ବ୍ୟବସ୍ଥା, ସେଠାରେ ଥିବା ପର୍ଯ୍ୟଟନ କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ ଓ ପାଠାଗାର ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆସୁଥିବା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବ। ପାର୍କିଂ ସ୍ଥଳ, ପ୍ରମୋଦ ଉଦ୍ୟାନ ଓ ଆଲୋକୀକରଣ କାର୍ଯ୍ୟ ପ୍ରାଥମିକ ପର୍ଯ୍ୟାୟରେ ଆରମ୍ଭ କରାଯାଇ ଉକ୍ତ ସ୍ଥାନକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# ୬ ଦିନର ଶିଶୁପୁତ୍ର ବିକ୍ରି ଚର୍ଚ୍ଚା ପରେ ଉଦ୍ଧାର

## ପିଲାର ଭବିଷ୍ୟତ ପାଇଁ ସମ୍ପର୍କୀୟଙ୍କୁ ଟେକିଦେଇଥିଲି



ନିଶ୍ଚିନ୍ତକୋଇଲି ଥାନାରେ ଉଦ୍ଧାର ଶିଶୁକୁ ଚାଇଲ୍ଡ ଲାଇନ ହେପାଜତକୁ ନେଇଛି।

ନିଶ୍ଚିନ୍ତକୋଇଲି, ୩୦।୧୧(ସ୍ୱ.ପ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତର ପଞ୍ଚସରଙ୍ଗ ବଳରାମପୁର ଗ୍ରାମରେ ୬ଦିନର ଶିଶୁପୁତ୍ରକୁ ୪ଲକ୍ଷ ଟଙ୍କାରେ ମା' ବିକ୍ରି କରିଦେଇଥିବା ଚର୍ଚ୍ଚା ହୋଇଥିଲା। କଟକ ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆଇସିଡିଏସ୍‌ର ୩ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ନିଶ୍ଚିନ୍ତକୋଇଲି ପୋଲିସ୍ ସହାୟତାରେ ମା'ର ବୟାନ ରେକର୍ଡ କରିଛନ୍ତି। ଦରିଦ୍ରତା ପାଇଁ ୪ଟି ପିଲାର ଭରଣପୋଷଣ ନିମନ୍ତେ ଅକ୍ଷମତା ପ୍ରକାଶ କରି ଶେଷ ସନ୍ତାନର ଭବିଷ୍ୟତ ପାଇଁ ସମ୍ପର୍କୀୟଙ୍କ ହାତରେ ଟେକି ଦେଇଥିଲେ ବୋଲି ମା' କହିଛନ୍ତି। ତେବେ ଚାଇଲ୍ଡଲାଇନ୍ ଓ ପୋଲିସର ହସ୍ତକ୍ଷେପ ପରେ ଶିଶୁପୁତ୍ରକୁ ତା'ର ବାପା ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଥାନାରେ ହାଜର କରାଇଥିଲେ। ଜିଲା ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରିବା ନିମନ୍ତେ ଉଭୟ ମା' ଓ ଶିଶୁଙ୍କୁ ଚାଇଲ୍ଡଲାଇନ ନିଜ ହେପାଜତକୁ ନେଇଥିବା ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତ ତେନ୍ତୁଳପୁର ଗ୍ରାମର ପ୍ରତିମା ମାହାଙ୍ଗା ବ୍ଲକ ଉମର ପଞ୍ଚାୟତ ଓସ୍ତପୁର ଗ୍ରାମର ବ୍ୟବସାୟୀ କହ୍ନେଇ ପଣ୍ଡାଙ୍କ ପୁତ୍ର ବିଜୟଙ୍କୁ ଭଲପାଇ ବିବାହ କରିଥିଲେ। ଯୁବକ, ଯୁବତୀ ଭିନ୍ନ ଜାତିର ହୋଇଥିବାରୁ ଏହି ବିବାହରେ ଉଭୟ ପରିବାରର ସହମତି ନ ଥିବାରୁ ସେମାନେ ପଞ୍ଚସରଙ୍ଗ ବଳରାମପୁର ଗ୍ରାମରେ ଥିବା ଏକ ଧୂପକାଠି ପ୍ରଶିକ୍ଷଣ କେନ୍ଦ୍ରରେ ରହି ଆସୁଥିଲେ। ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ କାମଧନ୍ଦା କରି ପରିବାର ପ୍ରତିପୋଷଣ କରୁଥିଲେ। ଏହି ଦମ୍ପତିଙ୍କ ଦୁଇଟି ପୁତ୍ର ସନ୍ତାନ ଓ ଗୋଟିଏ ଶିଶୁକନ୍ୟା ଥିଲା ବେଳେ ଗତ ୨୫ ତାରିଖରେ ପ୍ରତିମା ଚତୁର୍ଥ ସନ୍ତାନ ପ୍ରସବ ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ବହୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପ୍ରତିପୋଷଣ ପାଇଁ ଶକ୍ତି ନଥିବାରୁ ପାରାଦୀପ ଅଞ୍ଚଳର ତାଙ୍କ ମଳାଶୁରଙ୍କ ସମ୍ପର୍କୀୟଙ୍କୁ ଦାନ କରିଦେଇଥିଲେ ବୋଲି ପ୍ରତିମା କହିଛନ୍ତି। କଟକ ଶିଶୁ ସୁରକ୍ଷା ସଂଯୋଜକ ନାରାୟଣ ଶୁକ୍ଳାଙ୍କ ନିର୍ଦ୍ଦେଶରେ ନିଶ୍ଚିନ୍ତକୋଇଲି ଆଇସିଡିଏସ୍‌ର ସୁପରଭାଇଜର ସାବିତ୍ରୀ ସାହୁଙ୍କ ନେତୃତ୍ୱରେ ଏକ ୩ ଜଣିଆ ପ୍ରତିନିଧି ଦଳ ପ୍ରତିମାଙ୍କ ଘରେ ପହଞ୍ଚି ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କୁ ଡକାଇ ତଦନ୍ତ କରିବା ସହିତ ପ୍ରତିମାଙ୍କ ବୟାନ ରେକର୍ଡ କରିଥିଲେ।

# ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

କଟକ, ଅଫିସ,୩୦।୧୧

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ଜାନୁୟାରୀ ୧୧ ତାରିଖରେ ବିଶ୍ୱକପ୍-୨୦୨୩ ହକିର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ଅଧିକ ସରସ ସୁନ୍ଦର କରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ଶିଖରପୁରଠାରୁ ବିଡାନାସୀ ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ଏଥିପାଇଁ ବୁଧବାର ସିଏମ୍‌ସି ପକ୍ଷରୁ ଶିଖରପୁରରୁ ଯୋବ୍ରା ପର୍ଯ୍ୟନ୍ତ ରିଂରୋଡ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବେଆଇନ ଭାବେ ଥିବା ପ୍ରାୟ ୬୦ଟି ଦୋକାନକୁ ଭାଙ୍ଗିଦିଆଯାଇଛି। ସିଏମ୍‌ସି ଡେପୁଟି କମିଶନର ତଥା ଏନଫୋର୍ସମେଣ୍ଟ ଅଧିକାରୀ ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଗୁରୁବାର ଫୁଲନଖରାଠାରୁ ଶିଖରପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ମହାନ୍ତି କହିଛନ୍ତି।

# ୪୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

କଟକ ଅଫିସ,୩୦।୧୧

ଅବକାରୀ ବିଭାଗ ପକ୍ଷରୁ ବୁଧବାର ଗୋପାଳପୁର ଛକ ନିକଟରେ ଚଢ଼ାଉ କରାଯାଇ ୪୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି ବେଆଇନ୍ କାରବାରରେ ଜଡ଼ିତ ନୟାବଜାର ଅଞ୍ଚଳର ସନାତନ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ରୁରାଲ ରେଞ୍ଜ ଆଇଆଇସି ପ୍ରଭାସ କୁମାର ଚୌଧୁରୀଙ୍କ ସହ ଆଶୁତୋଷ ଜେନା ଓ ଜିତେନ୍ଦ୍ର କୁମାର ବଳବନ୍ତରାୟ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

## ବାପୁଜୀ ପ୍ରିମିଅର ଲିଗ୍ କ୍ରିକେଟ

# ଫାଇନାଲରେ ଭୁବନେଶ୍ୱର, ଭଦ୍ରକ

ବଡ଼ମ୍ବା,୩୦।୧୧(ଡି.ଏନ୍.ଏ.): ବାପୁଜୀ କ୍ରିକେଟ୍ କ୍ଲବ, ଶଙ୍ଖାମେରୀ ଦ୍ୱିତୀୟ ସର୍ବ ଭାରତୀୟ ବାପୁଜୀ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ବୁଧବାର ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ କମାଣ୍ଡୋ ୧୧ ଭୁବନେଶ୍ୱର ଏବଂ ଏସ୍ଏସ. ଲୁଟୁ ଅନୁଗୋଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ଏମ୍ଏମ୍‌ସିସି ସମ୍ବଲପୁର ଏବଂ ଇମଜେ ୧୧ ଭଦ୍ରକ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭଦ୍ରକ ବିଜୟୀ ହୋଇଛି। ଉଭୟ ବିଜୟୀ ଟିମ୍ ଗୁରୁବାର ଫାଇନାଲରେ ପରସ୍ପରକୁ ଭେଟିବେ।

# ୧୬ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

କଟକ ଅଫିସ,୩୦।୧୧

ମୋବାଇଲ ଲୁଟ୍ ଅଭିଯୋଗରେ କଟକ ଜିଆରପି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ମାଲଗୋଦାମ ବେହେରା ସାହି ଅଞ୍ଚଳର ବିନୋଦ ବେହେରା। ପୋଲିସ ତାଙ୍କ ନିକଟରୁ ୧୬ଟି ମୋବାଇଲ ଫୋନ୍ ଜବତ କରିଛି। ପୂର୍ବରୁ ବିନୋଦଙ୍କ ନାମରେ ଅନେକ ଲୁଟ୍ ମାମଲା ରହିଛି। ସେ ଏକ ଗ୍ରୁପ୍ ମାଧ୍ୟମରେ ଏହି ଲୁଟ୍‌କୁ ସଫଳ କରୁଥିବା ଜଣାପଡିଛି। ଟ୍ରେନ୍‌ରେ ଯାତ୍ରା କରୁଥିବା ଲୋକମାନେ ଡୋର୍ ପାଖକୁ ଆସି ଯେତେବେଳେ କଥା ହେଉଥାନ୍ତି ବା ସେଲ୍‌ଫି ନେଉଥାନ୍ତି ସେତେବେଳେ ଏମାନେ ନିଜର କୌଶଳ ପ୍ରୟୋଗ କରନ୍ତି। ବିଶେଷକରି ଟ୍ରେନ୍‌ର ଗତି କମ୍ ହେଉଥିବା ଜାଗାରେ ଛକି ବସନ୍ତି। ଆଉ ଡୋର ପାଖରେ ମୋବାଇଲ ଧରିଥିବା ଲୋକଙ୍କ ହାତକୁ ବାଡ଼ି କିମ୍ବା କୌଣସି ଜିନିଷ ସାହାଯ୍ୟରେ ଆଘାତ କରି ମୋବାଇଲ ଖସାଇଦେବାରେ ସକ୍ଷମ ହୋଇଥାନ୍ତି। କଟକ ସହରର କାଠଯୋଡି ଓ ମହାନଦୀ ରେଲୱେ ବ୍ରିଜ ନିକଟରେ ମୁଖ୍ୟତଃ ଏମାନେ ଛକି ବସି ଏଭଳି ଲୁଟ୍ କରିଥାନ୍ତି। ବିନୋଦଙ୍କ ସହ ସାମିଲ ଥିବା ଆଉ ଦୁଇ ସହଯୋଗୀଙ୍କୁ ପୋଲିସ ଖୋଜୁଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ୧୫ରୁ ଆଠଗଡ଼ ମହୋତ୍ସବ




ଲୋଗୋ ଉନ୍ମୋଚନ ଅବସରରେ ମଞ୍ଚାସୀନ ଅତିଥିମାନେ।

- ୮ବର୍ଷ ପରେ ପୁଣି ଆରମ୍ଭ
- ଲୋଗୋ ଉନ୍ମୋଚନ କଲେ ଉପଜିଲାପାଳ

ଆଠଗଡ, ୩୦।୧୧(ସ୍ୱ.ପ୍ର)

ଆଠଗଡ଼ ଉପଖଣ୍ଡ ପ୍ରଶାସନ ଆନୁକୂଲ୍ୟରେ ଡିସେମ୍ବର ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଆଠଗଡ଼ ମହୋତ୍ସବ। ଏଥି ନିମନ୍ତେ ବୁଧବାର ପୂର୍ବାହ୍ଣରେ ଆଠଗଡ ରଥଗଡା, କିଶୋରପୁର ଛକ ଓ କଣ୍ଟୋଲ ଛକଠାରୁ ୩ଟି ଗଣପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ ପଦଯାତ୍ରାକୁ ମହୋତ୍ସବ ପାଳନ କମିଟି ସମ୍ପାଦିକା ତଥା ଆଠଗଡ଼ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, କାର୍ଯ୍ୟକାରୀ ସଭାପତି ତଥା ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଏନଏସି ଉପାଧ୍ୟକ୍ଷ ଶୁଭ୍ରଶଙ୍କର ଜ୍ୟୋତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପ ଜିଲାପାଳ ସ୍ୱାଇଁ ଆଠଗଡ଼ ମହୋତ୍ସବ ଲୋଗୋ ଉନ୍ମୋଚନ କରିବା ସହିତ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ଉପ ଜିଲାପାଳଙ୍କ ସ୍ୱରଚିତ କବିତା ଆମେ ଆଠଗଡିଆ ପାଠ କରାଯାଇଥିଲା। ସୂଚନାଯୋଗ୍ୟ, ବିଭିନ୍ନ ବେସରକାରୀ ଅନୁଷ୍ଠାନ ତରଫରୁ ଆଠଗଡ଼ ମହୋତ୍ସବ ପାଳନ ହୋଇଆସୁଥିଲା। ମାତ୍ର ପରିଚାଳନାଗତ ତ୍ରୁଟି ଯୋଗୁଁ ଏହା ୮ବର୍ଷ ଧରି ବନ୍ଦ ରହିଥିଲା। ଏହି ମହୋତ୍ସବ ପାଳନ ପାଇଁ ବିଭିନ୍ନ ମହଲରେ ଦାବି ହେବା ପରେ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଡ଼ିସେମ୍ବର ୧୫ରୁ ୨୨ତାରିଖ ପର୍ଯ୍ୟନ୍ତ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ମହୋତ୍ସବ ପାଳନ କମିଟିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଉପଜିଲାପାଳ କାର୍ଯ୍ୟକାରୀ ସଭାପତି, ବ୍ଲକ ଅଧ୍ୟକ୍ଷା ଉପସଭାପତି, ଏନଏସି ଅଧ୍ୟକ୍ଷା ସମ୍ପାଦିକା, ଆରକ୍ଷୀ ଉପାଧ୍ୟକ୍ଷ, ବନଖଣ୍ଡ ଅଧିକାରୀ, ତହସିଲଦାର, ବିଡ଼ିଓ ପ୍ରମୁଖ ସଦସ୍ୟ ଅଛନ୍ତି। ମହୋତ୍ସବ ପରିଚାଳନା ପାଇଁ ୮ଟି କମିଟି ଗଠନ କରାଯାଇଛି। ମହୋତ୍ସବରେ ସ୍ମରଣିକା ପାଇଁ ନିରଞ୍ଜନ ରଥ, ସୀତାକାନ୍ତ ବେହେରା, ଅଧ୍ୟାପକ ଦିନେଶ ଦାସ,ପୁଲିନ ମିଶ୍ର ପ୍ରମୁଖ ସମ୍ପାଦନା ମଣ୍ଡଳୀ ଚୟନ ହୋଇଛନ୍ତି।




## ନିଜସ୍ୱ ଖର୍ଚ୍ଚରେ ଗ୍ରାମରେ ଲାଇଟ୍ ଲଗାଇଲେ ଯୁବକ

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କୋଲସାହି ଗ୍ରାମର ଏକ ମୁଖ୍ୟ ରାସ୍ତା ଦୀର୍ଘଦିନ ହେଲା ଅନ୍ଧାର ଥିଲା। ଫଳରେ ସେହି ରାସ୍ତା ଦେଇ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମର ଏହି ଅସୁବିଧାକୁ ଦେଖି ଗ୍ରାମର ରଞ୍ଜନ କୁମାର ଦାଶ ନିଜସ୍ୱ ଖର୍ଚ୍ଚରେ ଏକ ୧୦୦ ୱାଟର ଲାଇଟଟିଏ ସେଠାରେ ଲଗାଇଛନ୍ତି। ଏହି ଲାଇଟ ଲାଗିବା ଦ୍ୱାରା ଗ୍ରାମବାସୀ ଯିବାଆସିବାରେ ସୁବିଧା ଅନୁଭବ କରିବା ସହ ରଞ୍ଜନଙ୍କୁ ସାଧୁବାଦ ଜଣାଇଛନ୍ତି। ଏପରିକି ପଞ୍ଚାୟତର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଯଦି ଅନ୍ଧାରରେ ଥିବ, ତେବେ ସେଠାରେ ମଧ ଏକ ଲାଇଟ୍ ଲଗାଇବି ବୋଲି ରଞ୍ଜନ କହିଛନ୍ତି।

**ସଂକ୍ଷେପରେ**

### ଆଜବେଷ୍ଟସ୍ ତାଡ଼ି ବ୍ୟାଙ୍କରୁ ଚୋରି

ଖୋର୍ଦ୍ଧା ଅଫିସ, ୩୦।୧୧: ଖୋର୍ଦ୍ଧା ଆଦର୍ଶ ଥାନା ଗୁରୁଜଙ୍ଗସ୍ଥିତ ୟୁକୋ ବ୍ୟାଙ୍କରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ଛାତ ଆଜବେଷ୍ଟସ ଭାଙ୍ଗି ବ୍ୟାଙ୍କ ଭିତରେ ପ୍ରବେଶ କରିଥିଲେ। ବ୍ୟାଙ୍କରୁ ଗୋଟିଏ ସିପିୟୁ ଚୋରି କରି ନେଇ ଯାଇଥିବା ବେଳେ ଟଙ୍କା ଟ୍ରଙ୍କ ତାଡ଼ି ଚେଷ୍ଟା କରି ବିଫଳ ହୋଇଛନ୍ତି। ବୁଧବାର ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟାଙ୍କ ଖୋଲିବା ବେଳେ ମ୍ୟାନେଜର ଚାମ୍ବର କବାଟ ତଡ଼ା ଯାଇଥିବା ଏବଂ ଛାତ ଉପର ଆଜବେଷ୍ଟସ ଭଙ୍ଗା ଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଆଦର୍ଶ ଥାନାଧିକାରୀ ତାରିକ ଅହମଦ ସାଇଣ୍ଟିଫିକ ଟିମ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟାଙ୍କ ମ୍ୟାନେଜର ପୀତବାସ ସାମନ୍ତରାୟ କୁହନ୍ତି ଏକ୍ସପର୍ଟ ଟିମକୁ ଡକାଯାଇଛି। ସିସିଟିଭି ଯାଞ୍ଚ କରାଯିବ।

### ଦିବାକର ଥିଲେ ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର

ଖୋର୍ଦ୍ଧା ଅଫିସ,୩୦।୧୧ : ରଣପୁର ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଶହୀଦ ଦିବାକର ପରିଡ଼ାଙ୍କ ଜୟନ୍ତୀ ପାଳିତ ହୋଇଛି। ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଶହୀଦ ରଘୁ ଦିବାକର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟିର ଉପଦେଷ୍ଟା ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂହ କହିଲେ ଯେ, ଦିବାକର ଥିଲେ ଅସ୍ତମିତ ସୂର୍ଯ୍ୟ। ରଣପୁର ଗଡ଼ଜାତର ଆନ୍ଦୋଳନର ସେ ଥିଲେ ଅନ୍ୟତମ କର୍ଣ୍ଣଧାର। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗୋପାଳକୃଷ୍ଣ ଦାସ, ଗୋବିନ୍ଦ ଚନ୍ଦ୍ର ମହାରଣା, ତ୍ରିନାଥ ଇତିଶ୍ରୀ ସାହୁ, ଲକ୍ଷ୍ମୀଧର ସାମନ୍ତରାୟ, ଭଗବାନ ପଶ୍ଚିମକବାଟ, ସମରେନ୍ଦ୍ର ବଳିଆରସିଂହ, ଜ୍ୟୋତିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

# ୨୦ବର୍ଷରେ ୩୬୯୫ ପଜିଟିଭ, ୨୪୨ ମୃତ

**ଆଜି ବିଶ୍ୱ ଏଡ୍ସ ଦିବସ**

ଖୋର୍ଦ୍ଧା ଅଫିସ,୩୦।୧୧

ଖୋର୍ଦ୍ଧା ଜିଲାରେ ଏଡ୍ସ ନିରାକରଣ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲେ ମଧ ପଜିଟିଭ ହାର ବୃଦ୍ଧି ପାଇବାରେ ଲାଗିଛି। ତଥ୍ୟ ଅନୁଯାୟୀ, ଗତ ୨୦୦୨ରୁ ୨୦୨୨ ଅକ୍ଟୋବର ସୁଦ୍ଧା ୨୦ବର୍ଷ ମଧରେ ଏଡ୍ସ ସଚେତନତା ଦିଗରେ ୧୩ଲକ୍ଷ ୪୪ହଜାର ୭୦୮ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୧୨ଲକ୍ଷ ୭୪ହଜାର ୫୫୦ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୩୬୯୫ ଜଣ ପଜିଟିଭି ଚିହ୍ନଟ ହୋଇଛନ୍ତି। ସେଥିରୁ ପୁରୁଷ ୨୩୯୭, ମହିଳା ୮୯୧, ଶିଶୁ ୧୪୫ ଏବଂ ଅନ୍ୟ ୯୬ ରହିଛନ୍ତି।

୨୪୨ଜଣଙ୍କ ମୃତ୍ୟୁ ଘଟିଛି। ସେଥିରୁ ବାହାର ରାଜ୍ୟ ତଥା ଜିଲାରୁ ଆସି ଖୋର୍ଦ୍ଧାରେ ରହୁଥିବା ୧୦୧ଜଣ ଥିବାବେଳେ କେବଳ ଖୋର୍ଦ୍ଧା ଜିଲାରୁ ୧୪୧ଜଣ ରହିଛନ୍ତି।

୨୦୧୮-୧୯ରେ ୧,୧୦,୪୬୫ ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୧,୦୯,୯୮୧ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୮୪ ପଜିଟିଭ ଓ ୧୮ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୯-୨୦ରେ ୧,୧୬,୮୯୩ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୧,୧୫,୭୮୫ଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୮୮ ପଜିଟିଭ ଓ ୯ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦-୨୧ରେ ୧,୦୦୫୩୭ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୯୯,୯୭୭ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୦୬ ପଜିଟିଭ ଓ ୧୧ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୧-୨୨ରେ ୧,୩୮,୪୦୬ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୧,୩୭,୮୯୭ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୩୯ ପଜିଟିଭ ଓ ୧୮ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୨-୨୩(ଅକ୍ଟୋବର ପର୍ଯ୍ୟନ୍ତ ୯୬,୭୦୭ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ୯୬,୬୭୯ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୪୦ ପଜିଟିଭ ଓ ୧୩ଜଣଙ୍କ ମୃତ୍ୟୁ ଘଟିଛି। ପ୍ରତିବର୍ଷ ଏଡ୍ସ ସଚେତନତା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ସତ୍ତ୍ୱେ କ୍ରମାଗତ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଅନ୍ୟପଟେ ଏଡସ ଚିହ୍ନଟ ରୋଗୀଙ୍କୁ ମାସିକ ଭତ୍ତା ଠିକ୍ ଭାବେ ଦିଆଯାଉ ନ ଥିବା ଅନେକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏ ନେଇ ଖୋର୍ଦ୍ଧା ସିଡିଏମଓ ଆର୍ତ୍ତବନ୍ଧୁ ନାୟକ କୁହନ୍ତି, ଏଚ୍ଆଇଭି ଏକ ମାରାତ୍ମକ ରୋଗ। ଯାହା ହ୍ୟୁମାନ ଇମ୍ୟୁନଡେଫିସିଏନ୍ସି ଭାଇରସ୍ ଯୋଗୁ ବ୍ୟାପେ, ଯାହାକୁ ଏଚଆଇଭି କୁହାଯାଏ। ଏହାକୁ କେବଳ ସଚେତନତା ମାଧ୍ୟମରେ ରୋକାଯାଇପାରିବ ବୋଲି ସେ କହିଛନ୍ତି।

# ଦୁର୍ନୀତି ହଟାଇବା ଉଦ୍ୟମ ଜାରି ରହିବ



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ଓ ଅନ୍ୟମାନେ।

**ବିଜେଡିରେ ବଢ଼ୁଛି ଗୋଷ୍ଠୀ କନ୍ଦଳ**

ବାଲୁଗାଁ,୩୦।୧୧(ଡି.ଏନ୍.ଏ.)

ଚିଲିକା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳରେ ସୃଷ୍ଟି ହୋଇଥିବା ଗୋଷ୍ଠୀ କନ୍ଦଳ ଉଗ୍ରରୂପ ନେବାରେ ଲାଗିଛି। ଗତ ସାଧାରଣ ନିର୍ବାଚନ ସମୟରେ ଚିଲିକା ବିଜେଡିରେ ଗୋଷ୍ଠୀ କନ୍ଦଳ ଉପୁଜିଥିଲା। ଏପରିସ୍ଥଳେ ଗତ ୨୩ ତାରିଖରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ହଠାତ୍ ଏକ କର୍ମୀ ସମ୍ମିଳନୀ କରି ବିଜେଡିରୁ ନିଲମ୍ବିତ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ତାଙ୍କ ସମର୍ଥିତ ଦଳୀୟ ନେତୃବୃନ୍ଦଙ୍କୁ ଦୁର୍ନୀତିରେ ଲିପ୍ତ ଥିବା ନେଇ ମନ୍ତବ୍ୟ ଦେଇଥିଲେ। ଏହି ଘଟଣାକୁ ନେଇ ରାଜ୍ୟ ରାଜନୀତିରେ ଭୂକମ୍ପନ ସୃଷ୍ଟି କରିଥିଲା। ପରେ ଦଳୀୟ ଅପରଗୋଷ୍ଠୀ ପକ୍ଷରୁ ଏହାର ପ୍ରତିବାଦ ସ୍ୱରୂପ ମଙ୍ଗଳବାର ଏକ ଶୋଭାଯାତ୍ରା କରି ରଘୁ ସାହୁ ବିରୋଧୀ ସ୍ଲୋଗାନ ଦେବା ସହ ବାଲୁଗାଁ ଗାନ୍ଧୀଛକରେ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ଏହି ଘଟଣାର ୨୪ଘଣ୍ଟା ନ ପୂରୁଣୁ ଅର୍ଥାତ୍ ବୁଧବାର ପୁନର୍ବାର ପୂର୍ବତନ ବିଧାୟକ ରଘୁନାଥ ଏକ କର୍ମୀ ସମ୍ମିଳନୀର ଆୟୋଜନ କରିଥିଲେ। ଚିଲିକା ବ୍ଲକ ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାରଙ୍କ ସଭାପତିତ୍ୱରେ ସମ୍ମିଳନୀରେ ରଘୁନାଥ ପୁଣି ବିଧାୟକ ପ୍ରଶାନ୍ତଙ୍କୁ ଟାର୍ଗେଟ୍ କରି ବିଗତ ୩ବର୍ଷର ରାଜୁତି କାଳରେ ବିଭିନ୍ନ ଦୁର୍ନୀତି କାର୍ଯ୍ୟ ସମ୍ପର୍କରେ ବିଷଦଗାର କରିଥିଲେ। ଏଥିସହ ତାଙ୍କ ଅଧୀନରେ କେତେଜଣ କର୍ମୀ ଠିକାଦାରୀ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ମଧ କହିଥିଲେ। ସମ୍ପୃକ୍ତ ଠିକାଦାରମାନେ ନିଜକୁ ସଫେଇ ଦେବା ଆଳରେ ତାଙ୍କ ବିରୋଧରେ ପ୍ରତିବାଦ ସଭା କରିଥିଲେ। ଉକ୍ତ ଦୁର୍ନୀତିକୁ ତଦନ୍ତ କରାଯାଇ ଘଟଣାର ପର୍ଦ୍ଦାଫାସ କରାଯିବ ବୋଲି ରଘୁନାଥ କହିଥିଲେ। ଏଥିସହ ଚିଲିକାରେ ଦୁର୍ନୀତି ହଟାଇବା ପାଇଁ ନିଜର ଉଦ୍ୟମ ଜାରି ରହିବ ବୋଲି କହିଥିଲେ। ସମ୍ମିଳନୀରେ ପୂର୍ବତନ ଏମ୍‌ପି ପ୍ରତିନିଧି ରମେଶ ଚନ୍ଦ୍ର ମହାପାତ୍ର, ଅଜୟ ଖୁଣ୍ଟିଆ, କୈଳାସ ଭୋଳ, ରଜନୀ ସେଣ, ସରପଞ୍ଚ ସବିତା ସୁନ୍ଦରାୟ, ରତ୍ନାକର ବେହେରା, ସେକ୍ ଅବିଦ ହୁସେନ ପ୍ରମୁଖ ଯୋଗଦେଇଥିଲେ।

# ପକ୍ଷୀ ସୁରକ୍ଷା ପାଇଁ ସଚେତନତା ସଭା



କୃଷ୍ଣପ୍ରସାଦ ବ୍ଲକର ତିଛିଣି ବୀଣାପାଣି ୟୁଥ କ୍ଲବ ପରିସରରେ ପକ୍ଷୀ ସୁରକ୍ଷାର ଏକ ସଚେତନତା ଶିବିରରେ ଯୋଗଦେଇଥିବା ଅତିଥିମାନେ।

କୃଷ୍ଣପ୍ରସାଦ,୩୦।୧୧(ଡି.ଏନ୍.ଏ.)

ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବନରାମ ପ୍ରସାଦ ନନ୍ଦଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦ ବ୍ଲକର ତିଛିଣି ବୀଣାପାଣି ୟୁଥ କ୍ଲବ ପରିସରରେ ବୁଧବାମର ପକ୍ଷୀ ସୁରକ୍ଷାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ସମିତିସଭ୍ୟା ମାନସୀ ସାହୁ, ତିଛିଣି ଗ୍ରାମ୍ୟ କମିଟି ସଭାପତି ଶରତ ଚନ୍ଦ୍ର ଜେନା, ବୀଣାପାଣି ୟୁଥ କ୍ଲବ ସଭାପତି ସୁଧାକର ପଲେଇ, ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ସନାତନ ତରେଇ, ସାମାଜିକ କର୍ମୀ କୁମର ସାହୁ, ଦିଲୀପ ଦଳାଇ, ଅମିନ ଦାସ, ବାଳକୃଷ୍ଣ ପ୍ରଧାନ, ପ୍ରଧାନ ଶିକ୍ଷକ ରଜନୀକାନ୍ତ କର ପ୍ରମୁଖ ଯୋଗଦେଇ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ଦିଗରେ ଆଲୋଚନା କରିଥିଲେ। ପକ୍ଷୀମାନଙ୍କୁ ଶିକାର ନ କରି ତାଙ୍କୁ ସୁରକ୍ଷା ଦେବା ପାଇଁ ଜନସାଧାରଣ, ଲୋକ ପ୍ରତିନିଧି, ବିଭାଗୀୟ ଅଧିକାରୀମାନେ ଶପଥ ନେଇଥିଲେ। ବନରକ୍ଷୀ ଅନୀଲ ଲେଙ୍କା ମଞ୍ଚ କାର୍ଯ୍ୟ ପରିଚାଳନା ଓ ପାରିକୁଦ ବନପାଳ ଅଜୟ ମହାରଣା, ବନରକ୍ଷୀ ନିରଞ୍ଜନ ମହାରଣା, ଶଶିକାନ୍ତ ସେଠୀ, ଜୟନ୍ତ ଜେନା, ରତ୍ନାକର ସେଠୀ, କାଳୁରାମ ସିଂହ, ପବିତ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

### ଏଜୁକେୟାର ସ୍କୁଲରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନମେଳା

ଗମ୍ଭାରୀମୁଣ୍ଡା,୩୦।୧୧(ଡି.ଏନ୍.ଏ.)

ବାଣପୁର ବଜାର ସାହି ପୁରୁଣା ମୁନିସିଫ କୋର୍ଟସ୍ଥିତ ଏଜୁକେୟାର ସ୍କୁଲରେ ବୁଧବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଉକ୍ତ ବିଜ୍ଞାନ ମେଳାକୁ ସ୍କୁଲ ପରିଚାଳନା କମିଟି ସଭାପତି ଆଇନଜୀବୀ ବିପ୍ଳବ କୁମାର ମୁଦୁଲି, ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ଓ କୋଷାଧ୍ୟକ୍ଷ ସିଫନ କୁମାର ପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ ମେଳାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ଦାସ ଓ ଶିକ୍ଷକ ବିକ୍ରମ ଘଡାଇ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହ ପ୍ରଶଂସା କରି ଉତ୍ସାହିତ କରିଥିଲେ। ଏହି ବିଜ୍ଞାନ ମେଳାକୁ ସ୍କୁଲ ଅଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ସେନାପତି ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଗଣ ସହଯୋଗ କରିଥିଲେ।

### ସମ୍ମେଟିଭ ଆସେସ୍‌ମେଣ୍ଟ ୧ ପରୀକ୍ଷା ସରିଲା

ଗମ୍ଭାରୀମୁଣ୍ଡା,୩୦।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ପତିତପାବନ ବାଣୀମନ୍ଦିର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତବର୍ଷ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କର ଗତ ୨୩ ତାରିଖ ବୁଧବାରଠାରୁ ସମ୍ମେଟିଭ ୧ ପରୀକ୍ଷା ଆରମ୍ଭ ହୋଇ ୩୦ତାରିଖ ବୁଧବାର ଶେଷହୋଇଛି। ଏହି ପରିପେକ୍ଷୀରେ ଉକ୍ତ ବିଦ୍ୟାଳୟରେ ନାରୁଣୀ ସରକାରୀ ହାଇସ୍କୁଲ ଓ ଭୀମପୁର ବାନାମ୍ବର ସରକାରୀ ହାଇସ୍କୁଲର ଉଭୟ ଛାତ୍ରୀଛାତ୍ର ରେଗୁଲାର ୩୦୯ଜଣ ଏବଂ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପାଇଁ ୨୨ଜଣ ଛାତ୍ରୀଛାତ୍ର ସୁଚାରୁରୂପେ ପରୀକ୍ଷା ଦେଇଥିଲେ। ତେବେ ପରୀକ୍ଷା ସବୁ ଶାନ୍ତିଶୃଙ୍ଖଳାରେ ସହ ହୋଇଥିଲା ବୋଲି ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ ସୂଚନା ଦେଇଛନ୍ତି।

# ନିରନ୍ତର ବିକାଶ ଲକ୍ଷ୍ୟ ହାସଲ: କାର୍ଯ୍ୟସୂଚୀ ପ୍ରଶିକ୍ଷଣ ଉଦ୍‌ଯାପିତ

ଖୋର୍ଦ୍ଧା ଅଫିସ, ୩୦।୧୧

ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ର ସଫଳ ରୂପାୟନ ନିମିତ୍ତ ଜିଲାର କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ନେଇ ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ ଗୃହରେ ଚାଲିଥିବା ଦୁଇ ଦିନିଆ କର୍ମଶାଳା ବୁଧବାର ଉଦଯାପିତ ହୋଇଛି। ପୂର୍ବାହ୍ନରେ ଅଧିକାରୀମାନେ ଦୁଇଟି ଟିମରେ ଭାଗ ହୋଇ ଖୋର୍ଦ୍ଧା ବ୍ଲକର ଟାଙ୍ଗିଆପଡା ଏବଂ ବେଗୁନିଆର ବୋତଲମା ପଞ୍ଚାୟତ ଗସ୍ତ କରିଥିଲେ। ସେଠାରେ ଉପଲବ୍ଧ ସମ୍ବଳର ବିନିଯୋଗ ଓ ଆବଶ୍ୟକତା ଉପରେ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ସ୍ଥାନୀୟ ବ୍ୟକ୍ତି ବିଶେଷମାନଙ୍କ ସହ ଆଲୋଚନା କରିଥିଲେ। ସଂପୃକ୍ତ ଅଞ୍ଚଳରେ ପରିମଳ, ପାନୀୟ ଜଳ, ପରିବେଶ, ଗମନାଗମନ ବ୍ୟବସ୍ଥା, ଫସଲ ଅମଳ, ରୋଷେଇ ନିମନ୍ତେ ଜାଳେଣି ଉତ୍ସ, ଶୈକ୍ଷିକ ପରିବେଶ ସମ୍ପର୍କରେ ପଚାରି ବୁଝିଥିଲେ । ପରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅଧିକାରୀମାନେ କ୍ଷେତ୍ରରୁ ଲବ୍ଧ ବିଭିନ୍ନ ତଥ୍ୟକୁ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧିକାରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଯୋଜନା ଓ ସଂଯୋଜନା ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ସରୋଜ କୁମାର ଦାଶଙ୍କ ଅଧକ୍ଷତାରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ଯୋଜନା ଓ ସଂଯୋଜନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଶଙ୍କର ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷୟ ବିଶାରଦ ଭାବେ ବିଜ୍ଞାନ ମହାନ୍ତି, ଉପାସନା ମହାପାତ୍ର, ରୁପାଲି ମହାନ୍ତି, ଭିକ୍ଟୋରିଆ, ଜନ୍ମେଜୟ ମିଶ୍ର ପ୍ରମୁଖ ବିଶେଷଜ୍ଞ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲା ଯୋଜନା ଓ ସଂଯୋଜନା କାର୍ଯ୍ୟାଳୟର ସହାୟକ ନିର୍ଦ୍ଦେଶକ ହିମାଂଶୁ ମୋହନ ଲେଙ୍କା, ମୋନାଲି ରାଜ ସିଂ, ସୁମତି ସାହୁ, ଶ୍ରୀମତୀ ମୃଣାଳୀ ପଟ୍ଟନାୟକ, ଅଶୋକ କୁମାର ଦାଶ, ପରିସଂଖ୍ୟାନ ବିଭାଗର ସୁବାସ ଚନ୍ଦ୍ର ପୃଷ୍ଟି, ଟାଙ୍ଗିଆପଡା ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ, ବୋତଲମା ସରପଞ୍ଚ ପ୍ରମୋଦ କୁମାର ଦଳେଇ ପ୍ରମୁଖ ସହଯୋଗ କରିଥିଲେ ।

# ମହାଶକ୍ତି, ମହାବୀର କ୍ରିକେଟ କ୍ଲବ ବିଜୟୀ

**ଚାନ୍ଦପୁର ପ୍ରିମିୟର କ୍ରିକେଟ ଲିଗ୍**

ଟାଙ୍ଗୀ(ଖୋର୍ଦ୍ଧା)୩୦।୧୧(ଡି.ଏନ୍.ଏ.)

ଚାନ୍ଦପୁର ପ୍ରିମିୟର କ୍ରିକେଟ ଲିଗ୍‌ର ବୁଧବାର ଚତୁର୍ଥ ଦିନରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ମା' ରାମଚଣ୍ଡୀ କ୍ରିକେଟ କ୍ଲବ ଓ ମହାଶକ୍ତି ୱାରିୟର ମଧରେ ଖେଳାଯାଇଥିଲା। ପ୍ରଥମେ ରାମଚଣ୍ଡୀ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଜବାବରେ ମହାଶକ୍ତି ୱାରିୟର ୧୪ ଓଭରରେ ୬ ଉଇକେଟ ହରାଇ ୧୧୬ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମହାବୀର କ୍ରିକେଟ କ୍ଲବ ଓ ଖିଲାମୁଣ୍ଡା ୱାରିୟର ମଧରେ ହୋଇଥିଲା। ମହାବୀର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରି ଥିଲା। ଜବାବରେ ଖିଲାମୁଣ୍ଡା ୱାରିୟର ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୩୬ ରନ କରିଥିଲା। ଫଳରେ ମହାବୀର କ୍ରିକେଟ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲା। ସୁକାନ୍ତ ଦତ୍ତ, ମନୋରଞ୍ଜନ ବେହେରା, ପ୍ରମୋଦ ସାହୁ ଓ ଜଗବନ୍ଧୁ ଦଳେଇ ମ୍ୟାଚ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ଜଗତଜୀତ ପ୍ରଧାନ ଓ କୃଷ୍ଣ ଚନ୍ଦ୍ର ଧୋନି କାର୍ଯ୍ୟ କରିଥିଲେ।



# ଇଡି ତଦନ୍ତ ଦାବିକଲା ନବନିର୍ମାଣ କୃଷକ ସଙ୍ଗଠନ

**ଖରିଫ ଧାନକିଣା ଦୁର୍ନୀତି**

ଖୋର୍ଦ୍ଧା ଅଫିସ, ୩୦।୧୧

୨୦୨୧-୨୦୨୨ ଖରିଫ ଧାନକିଣାରେ ବ୍ୟାପକ ହରିଲୁଟ ସତ୍ତ୍ୱେ ଏହାକୁ ନାଲିଫିତା ଚାପି ଦିଆଗଲା। କଟନି ଛଟନି ବାବଦରେ ଚାଷୀଙ୍କ ଲକ୍ଷାଧିକ ଟଙ୍କା ମିଳିମିଶି ଖାଇଗଲେ। ପ୍ରାୟ ୭ହଜାର ଚାଷୀଙ୍କ ଟୋକନ ଲାପସରୁ ଧାନବିକ୍ରିରୁ ବଞ୍ଚିତ ହୋଇଥିଲେ। ଖରିଫ ଧାନକିଣା ବାବଦକୁ ପ୍ରାୟ ୬କୋଟି ଟଙ୍କା ଚଳୁ କରିଦେଲେ। ଧାନକିଣାରେ ଅନିୟମିତତା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଏହାର ତଦନ୍ତ ଶୀଥଳଭଣ୍ଡାରରେ ରହିଗଲା। କ୍ରାଇମବ୍ରାଞ୍ଚ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଏହି ଦୁର୍ନୀତିର ତଦନ୍ତ ଲାଗି ନବ ନିର୍ମାଣ କୃଷକ ସଙ୍ଗଠନ ଖୋର୍ଦ୍ଧା ଜିଲା ଶାଖା ଦାବି କରିଛି। ଏହାର ବିଧିବଦ୍ଧ ତଦନ୍ତ ଲାଗି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ ମାନସିଂ କହିଛନ୍ତି, ୨୦୨୧-୨୨ ଖରିଫ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା, ମିଲ ମାଲିକଙ୍କ ମନମାନି ଯୋଗୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନେକ ଚାଷୀ ଅଭାବୀ ବିକ୍ରର ସମ୍ମୁଖୀନ ହୋଇଥିଲେ। ଏହାର ସୁଯୋଗ ନେଇ ଆନ୍ଧ୍ର ବେପାରୀ ଗାଁ ଗହଳିରେ ପଶି ସରକାରୀ ଧାର୍ଯ୍ୟଦର ଠାରୁ କମ୍ ମୂଲ୍ୟରେ ଶତାଧିକ ଟନ ଧାନ ବୋହି ନେଲେ। ମଣ୍ଡି ସ୍ୱାଭାବିକ ହେବା ବେଳେ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ସମୟ ସରିଗଲା। ଟୋକନ ଲାପସ ଯୋଗୁ ସମିତି ସମ୍ପାଦକ ମାନେ ଧାନକିଣିବାକୁ ମନା କରିଲେ। ଅନ୍ୟପଟେ ଧାନର ମାନ ଉପଯୁକ୍ତ ନଥିବା କହି ମନଇଚ୍ଛା କଟନି ଛଟନି କରିବା ଆରମ୍ଭ କରିଥିଲେ। ୭କେଜିରୁ ଆରମ୍ଭ କରି ୧୫ କେଜି ପର୍ଯ୍ୟନ୍ତ ଧାନ ମିଲ ମାଲିକ ମାନେ କାଟିନେଲେ।

ଭାଜପା କୃଷକ ନେତା ରଞ୍ଜନ ମଙ୍ଗରାଜ କହିଛନ୍ତି, ନକଲି ଚାଷୀଙ୍କ ନାଁରେ ଶତାଧିକ କୁଇଣ୍ଟାଲ ଧାନ କିଣାଯାଇଥିବା ନେଇ ଚାଷୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଏହି ଘଟଣାର ତଦନ୍ତ ଲାଗି ଜିଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତାହା ତଦନ୍ତ ଶୀତଳଭଣ୍ଡାରରେ ରହିଛି। ଖରିଫ ଧାନ କିଣାରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ କରାଗଲେ ବହୁ ଗୁମର ଖୋଲିବ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତି କୁହନ୍ତି ଚଳିତବର୍ଷ ଧାନକିଣାରେ ସ୍ୱଚ୍ଛତା, ସମିତି କାର୍ଯ୍ୟାଳୟରେ ଚାଷୀଙ୍କ ତାଲିକା ଲଗାଇବା ପାଇଁ ତାଗିଦ୍ କରାଯାଇଛି। କୌଣସି ପରିସ୍ଥିତିରେ ଅବହେଳା, ଦାୟିତ୍ୱହୀନତାକୁ ପ୍ରଶ୍ରୟ ଦିଆଯିବ ନାହିଁ।



**ନୂଆଗାଁ ପେଟ୍ରୋଲ ପମ୍ପ ଗଙ୍ଗୁଆ ଛକ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ**

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ବିଏମ୍‌ସି ସ୍ୱତନ୍ତ୍ର ସ୍କାଡ ସହାୟତାରେ ବୁଧବାର ନୂଆଗାଁ ପେଟ୍ରୋଲ ପମ୍ପଠାରୁ ଗଙ୍ଗୁଆ ଛକ ବାମ ପାର୍ଶ୍ୱ ରାସ୍ତା କଡ଼ରେ ଗଢିଉଠିଥିବା ଦୋକାନ ବଜାର ଉଚ୍ଛେଦ ଆରମ୍ଭ ହୋଇଛି। ୩୧୬ ନଂ. ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଏହି ରାସ୍ତା କଡ଼ରେ ପ୍ରତ୍ୟହ ପରିବା, ଆମିଷ ହାଟ ବସିବାରୁ ଟ୍ରାଫିକ ଜାମ୍ ସହ ଅନେକ ସମସ୍ୟା ଉପୁଜୁଥିଲା। ନୋଟିସ ଦେବା ପରେ ବୁଧବାର ଡ୍ରୋଜର ସହାୟତାରେ ବିଏମ୍‌ସି ପକ୍ଷରୁ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି।



## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ କୁଡୁଆ ସମ୍ପତ୍ତି ବିକ୍ରି: ଭିଜିଲାନ୍ସ ତଦନ୍ତ ଦାବି

ପୁରୁଣା ଭୁବନେଶ୍ୱର, ୩୦।୧୧(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜଙ୍କ ସେବାପୂଜା ନିମନ୍ତେ କୁମ୍ଭାର ସେବାୟତଙ୍କୁ ଦିଆଯାଇଥିବା କୁଡୁଆ ସମ୍ପତ୍ତି ବିକ୍ରି ପ୍ରସଙ୍ଗ ନେଇ ଏକାମ୍ର ଜନଜାଗରଣ ମଞ୍ଚ ଉଦ୍‌ବେଗ ପ୍ରକାଶ କରିଛି। ତହସିଲଦାର ଏବଂ ସବ୍‌ରେଜିଷ୍ଟ୍ରାର ଏହି ଠାକୁରଙ୍କ ଜମିକୁ ଘରୋଇ ମାଲିକାନା ନାମରେ ରେକର୍ଡଭୁକ୍ତ କରିଛନ୍ତି ବୋଲି ମଞ୍ଚ ଅଭିଯୋଗ ଆଣିଛି। ତେଣୁ ଏହାର ତଦନ୍ତ କରିବାକୁ ମଞ୍ଚ ପକ୍ଷରୁ ବୁଧବାର ଭିଜିଲାନ୍ସ ଡିଏସ୍‌ପି କାର୍ଯ୍ୟାଳୟରେ ଦାବିପତ୍ର ଦିଆଯାଇଛି। ସୂଚନା ଥାଉକି, ନୂଆଗାଁ ମୌଜା ଗଙ୍ଗୁଆ ବ୍ରିଜ୍ ନିକଟରେ ଠାକୁରଙ୍କର କୋଟି କୋଟି ଟଙ୍କାର କୁଡୁଆ ସମ୍ପତ୍ତି ଥିଲା। ଏହି ସମ୍ପତ୍ତି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନାମରେ ଥିବା ସତ୍ତ୍ୱେ ୨୦୧୮ରେ ତତ୍କାଳୀନ ତହସିଲଦାର ଚକ୍ରାନ୍ତ କରି ଶ୍ରୀଲିଙ୍ଗରାଜଙ୍କ ନାମ କାଟି ତାକୁ ସ୍ଥିତିବାନ ସମ୍ପତ୍ତି କରିଦେଇଥିଲେ। ଏହା ଜଣାପଡିବା ପରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଉପଜିଲାପାଳ ଅଦାଲତଙ୍କ ଇଜିଲାସରେ ରିଭିଜନ୍ ଅପିଲ ନଂ.୧୨୮/୨୦ରେ ଏକ ମାମଲା ଦାୟର କରାଯାଇଥିଲା। ଜମିରେ ରହିତାଦେଶ ଜାରି ଥିବାବେଳେ ଏବେ ପୁନଃ ଜମି ଦଲାଲ୍ ଏହି ଜମି ବିକ୍ରି କରିବାକୁ ଯୋଜନା କରୁଛନ୍ତି। ଠାକୁରଙ୍କ ଏହି ମୂଲ୍ୟାୟନ ସମ୍ପତ୍ତି ଲୁଟ୍ ଘଟଣାର ଭିଜିଲାନ୍ସ ତଦନ୍ତ ସହ ତହସିଲକୁ ଉକ୍ତ ସମ୍ପତ୍ତି ଫେରାଇ ଆଣିବାକୁ ମଞ୍ଚ ଦାବି କରିଛି।

### ଅବକାରୀ ଅଧିକାରୀଙ୍କ ତାଲିମ କର୍ମଶାଳା

ଭୁବନେଶ୍ୱର,୩୦।୧୧(ବ୍ୟୁରୋ): ଚଢାଉ, ଗିରଫଦାରୀ, ତଦନ୍ତ ଓ ସାକ୍ଷ୍ୟ ପ୍ରଦାନ ଉପରେ ରାଜ୍ୟସ୍ତରୀୟ କର୍ମଶାଳା ଅବକାରୀ ନିର୍ଦ୍ଦେଶାଳୟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଆଇନ୍ ତଥା ଅଦାଲତରେ ଅବକାରୀ କନଷ୍ଟେବଲ ଓ ଏଏସ୍‌ଆଇଙ୍କ ସାକ୍ଷ୍ୟ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ସମଗ୍ର ଓଡିଶାର ଅବକାରୀ କନଷ୍ଟେବଲ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। କର୍ମଶାଳାରେ ଅବକାରୀ ଉପଆୟୁକ୍ତ ରାମଚନ୍ଦ୍ର ମିଶ୍ର ଯୋଗଦେଇ ଅନଲାଇନ୍ ମାଧ୍ୟମରେ ଅବକାରୀ ନିୟମ ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିସହିତ ଆଇନ୍ ଅନୁଯାୟୀ ଏହି କର୍ମଶାଳାରେ ଉପ ଆୟୁକ୍ତ ରଜତ କୁମାର ପ୍ରହରାଜ ଓ ଉମ୍ବୁଧର ଖଣ୍ଡା, ଅତିରିକ୍ତ ଆୟୁକ୍ତ ରାମଚନ୍ଦ୍ର ପାଲଟା, ଯୁଗ୍ମ ଆୟୁକ୍ତ ଡ. ଦିବ୍ୟଲୋଚନ ମହାନ୍ତ, ଦଣ୍ଡପାଣି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅବକାରୀ ବିଭାଗକୁ ଅଧିକ ସକ୍ରିୟ କରାଯିବା ସହିତ ମାମଲାର ଠିକ ପରିଚାଳନା, ତ୍ୱରିତ ଫଇସଲା ଓ ଦୋଷୀଙ୍କୁ ଦଣ୍ଡ ପ୍ରଦାନ ପାଇଁ ପ୍ରତ୍ୟେକ ମାସରେ ଏଭଳି ତାଲିମ, କର୍ମଶାଳା କରାଯାଇ ଅବକାରୀ କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି କରାଯାଉଛି ବୋଲି ଉପଆୟୁକ୍ତ ମିଶ୍ର ସୂଚନା ଦେଇଛନ୍ତି।

# ବିଏମ୍‌ସି ସଫେଇ ଗାଡ଼ି ଧକ୍କାରେ ମହିଳା ମୃତ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

- କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ
- ପୋଲିସର ମୃଦୁ ଲାଠିଚାଳନା
- ଜଣେ ଆହତ, ଡ୍ରାଇଭର ଅଟକ

ବିଏମ୍‌ସି ଅଳିଆ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍‌ଏସ୍ ନଗର ଧିରିକୁଟ ବସ୍ତି ନିକଟସ୍ଥ ଡମ୍ପିଂ ୟାର୍ଡ ନିକଟରେ ବୁଧବାର ଅପରାହ୍ଣରେ ଏହି ଦୁର୍ଘଟଣା ଘଟିଛି। ମୃତ ମହିଳା ଜଣଙ୍କ ହେଲେ ଗାଡ଼କଣ କଲ୍ୟାଣ ବସ୍ତିରେ ରହୁଥିବା ବ୍ରହ୍ମପୁରର ସୁକାନ୍ତି ନାଏକ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଯାଇଥିଲା । କ୍ଷତିପୂରଣ ଦାବିରେ ସ୍ଥାନୀୟ ବାସିନ୍ଦା ମୃତଦେହ ରଖି ଭିଏସ୍‌ଏସ୍ ନଗର ସୈନିକ ସ୍କୁଲ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଲୋକଙ୍କୁ ବୁଝାଶୁଝା କରି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଓ



ଦୁର୍ଘଟଣାସ୍ଥଳରେ ଉତ୍ତେଜିତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ମୃତଦେହକୁ ଜବତ କରିବାବେଳେ ବିରୋଧ ହୋଇଥିଲା। ପୋଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପୋଲିସ କିଛି ସମୟ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ମୃଦୁ ଲାଠି ଚାଳନା କରିଥିଲା। ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ଢେଲା, ପଥର ମାଡ଼ କରିଥିଲେ। ଘଟଣାସ୍ଥଳରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଟ୍ରକ୍ ଓ ବାଇକ୍‌କୁ ଥାନାକୁ ଆଣିଥିଲା। ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଡ୍ରାଇଭରର ବେପରୁଆ ଗାଡ଼ି ଚାଳନା ପାଇଁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି ।

ସୂଚନାନୁସାରେ ଆହତ ଯୁବକ ମହିଳାଙ୍କୁ ନେଇ ବାଇକ ଯୋଗେ କୌଣସି କାମରେ ଯାଉଥିଲେ। ଡମ୍ପିଂ ୟାର୍ଡ ନିକଟସ୍ଥ ଗୋଲେଇ ଛକରେ ବିଏମ୍‌ସିର ସଫେଇ ଗାଡ଼ି (ଟ୍ରକ) ବାଇକର ପଛପଟୁ ଜୋରରେ ଧକ୍କାଦେବା ସହିତ ପ୍ରାୟ ୧୦୦ ମିଟର ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ମହିଳାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ବେଳେ ଯୁବକଙ୍କ ହାତ ଭାଙ୍ଗିଯାଇଥିଲା।





ବନ୍ଦେମାତରମ୍ ଅନୁଷ୍ଠାନ ପକ୍ଷରୁ ବୁଧବାର ମାଷ୍ଟରକ୍ୟାଣ୍ଟିନ ରାସ୍ତାରେ ଏଡ୍‌ସ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି।

## ଡ୍ୟାନ୍ସ ବାର୍‌କୁ ବୋମାମାଡ଼ ଘଟଣା: ୨ଗିରଫ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ବାର ଓ କର୍ମଚାରୀଙ୍କୁ ବୋମାମାଡ କରିବା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ସନିଆ ଓରଫ ସେକ ମଞ୍ଜୁରୁଲ ହକ (୨୯) ଓ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଗଜା ଓରଫ ଶ୍ରୀତମ କୁଣ୍ଡୁ(୨୦)। ସେମାନଙ୍କ ନିକଟରୁ ପୋଲିସ ଗନ୍ ପାଉଡର ପ୍ୟାକେଟ ଜବତ କରିଛି। ଅଭିଯୁକ୍ତଙ୍କର ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ସନିଆ ବାରର ମାଲିକ ସତ୍ୟ ମହାନ୍ତିଙ୍କୁ ଭେଟି ତାଙ୍କଠାରୁ ଡ୍ୟାନ୍ସର୍ ନେବାପାଇଁ ଅନୁରୋଧ କରିଥିଲେ। ସତ୍ୟ ମନା କରିଥିଲେ। ଗତ ସେପ୍ଟେମ୍ବର ୨୬ ତାରିଖ ରାତି ସାଢେ ୧୧ରେ ବାର୍‌ର ସିକ୍ୟୁରିଟି ଗାର୍ଡ ବାହାରେ ଉପସ୍ଥିତ ଥିବା ସମୟରେ ଅଭିଯୁକ୍ତଦ୍ୱୟ ସେଠାକୁ ଆସି ୩ଟି ବୋମା ମାଡ଼ କରିଥିଲେ।

## ଚିତ୍ରରେ ସଜେଇ ହେବ ରାଜଧାନୀ





ବିଏମ୍‌ସି ପକ୍ଷରୁ ଷ୍ଟାମ୍ପ ପ୍ରକଳ୍ପ ଶୁଭାରମ୍ଭ କରୁଛନ୍ତି ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ)

**ଆରମ୍ଭ ହେଲା ଷ୍ଟାମ୍ପ ୩.୦ ପ୍ରକଳ୍ପ**

ବିଶ୍ୱକପ୍ ହକିକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ 'ଷ୍ଟାମ୍ପ ପ୍ରକଳ୍ପର ତୃତୀୟ ସଂସ୍କରଣ ବୁଧବାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷ୍ଟାମ୍ପ ୩.୦ର ଲୋଗୋ ଉନ୍ମୋଚନ କରିଥିଲେ। ସ୍ମାର୍ଟସିଟି ତଥା ମନ୍ଦିରମାଳିନୀ ଭୁବନେଶ୍ୱର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା କାନ୍ଥଗୁଡିକୁ ଭିନ୍ନରୂପ ଦେବ ଏହି ପ୍ରକଳ୍ପ। ଓଡିଶା ଲଳିତକଳା ଏକାଡେମୀ ମାଧ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିଳ୍ପୀମାନଙ୍କୁ ନିୟୋଜିତ କରାଯାଇ ଗୁରୁବାର ଠାରୁ ସହରର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଚିହ୍ନିତ କାନ୍ଥଗୁଡିକୁ ଚିତ୍ରରେ ସଜାଯିବ। ଏକାଡେମୀ ପକ୍ଷରୁ ୫୦ଜଣ ଚିତ୍ରଶିଳ୍ପୀଙ୍କୁ ଏଥିପାଇଁ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରୁ ୩୫ ଜଣ ରାଜ୍ୟସ୍ତରରେ ପ୍ରଶଂସିତ ହୋଇଥିବାବେଳେ ଅନ୍ୟମାନେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଶିଳ୍ପୀ ଅଛନ୍ତି। ମୁଖ୍ୟ ୪୦ କି.ମି. ରାସ୍ତାର ପାର୍ଶ୍ୱରେ ଚିତ୍ର କରାଯିବ। ୨୦୦ରୁ ଊର୍ଦ୍ଧ୍ୱ ନାଗରିକଙ୍କ ମତାମତ ଅନୁସାରେ ୧୨ଟି ବିଷୟବସ୍ତୁକୁ ଆଧାର କରି ଚିତ୍ର କରାଯିବ। ବିଏମ୍‌ସି ଇଞ୍ଜିନିୟର ସରୋଜ କୁମାର ମହାପାତ୍ର ଷ୍ଟାମ୍ପ୍ ପ୍ରକଳ୍ପର ସଂଯୋଜନା କରୁଛନ୍ତି। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଲଳିତକଳା ଏକାଡେମୀ ସମ୍ପାଦକ ପଞ୍ଚାନନ ସାମଲ ଏବଂ ଏକାଡେମୀର ଚିତ୍ରଶିଳ୍ପୀ ଉପସ୍ଥିତ ଥିଲେ।

## ବରମୁଣ୍ଡାରୁ ହଟିଲା ଜବରଦଖଲ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ବରମୁଣ୍ଡାସ୍ଥିତ ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲ (ଆଇଏସ୍‌ବିଟି) ନିର୍ମାଣ କାର୍ଯ୍ୟରେ ବାଧକ ସାଜିଥିବା ବେଆଇନ୍ ଜବରଦଖଲକୁ ବୁଧବାର ଉଚ୍ଛେଦ କରାଯାଇଛି। ଅତିରିକ୍ତ କମିଶନର(ଏନ୍‌ଫୋର୍ସମେଣ୍ଟ) ହରିଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଉଚ୍ଛେଦ କରାଯାଇଛି। ବିଡିଏ ପକ୍ଷରୁ କରାଯାଇଥିବା ଏହି ଉଚ୍ଛେଦ ପ୍ରକ୍ରିୟାରେ ୩ଟି ଟିଣ ଘର, ୪ଟି ହୋଟେଲ, ୩ଟି ଫଳ ଦୋକାନ, ୧୫ଟି କ୍ୟାବିନ୍, ୧୨ଟି ବାଉଁଶ ଓ ପାଲ ଘର, ୬ଟି ଫାଷ୍ଟଫୁଡ୍ ଦୋକାନ ସହ ଅନ୍ୟ ୫ଟି ଅସ୍ଥାୟୀ ଦୋକାନ ଭାଙ୍ଗିଦିଆଯାଇଛି।

## ସିଆଇଟିୟୁର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଭାରତର ଟ୍ରେଡ୍ ୟୁନିୟନ୍ କେନ୍ଦ୍ର (ସିଆଇଟିୟୁ)ର ପକ୍ଷରୁ ସ୍ଥାନୀୟ କସ୍ତୁରବା ନାରୀ ମହଲଠାରେ ଆୟୋଜିତ ପଞ୍ଚଦଶ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ୨୦୨୩ ଏପ୍ରିଲ ୫ରେ ପାର୍ଲ୍ୟାମେଣ୍ଟ ଅଧିବେଶନ ସମୟରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଆହ୍ୱାନ ଦିଆଯାଇଛି। ସେହିପରି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କୁ ଏକତ୍ରିତ କରି ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବିରୋଧରେ ଓଡ଼ିଶାରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସମ୍ମିଳନୀ ପକ୍ଷରୁ ସିଦ୍ଧାନ୍ତ ନିଆଯାଇଛି। ସାମ୍ପ୍ରଦାୟିକତାବାଦ, ବେକାରି ସମସ୍ୟା, ଦରଦାମ ବୃଦ୍ଧି ବିରୋଧରେ ଓ ସାମାଜିକ ବୈଷମ୍ୟ ଦୂର କରିବା ପାଇଁ ସିଆଇଟିୟୁ ଆଗାମୀ ଦିନରେ କାର୍ଯ୍ୟକ୍ରମ ଗ୍ରହଣ କରିବ ବୋଲି ନିଷ୍ପତ୍ତି ହୋଇଛି। ସମ୍ମିଳନୀରେ ସଭାପତି ଜନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, କୋଷାଧ୍ୟକ୍ଷ ଦୁଷ୍ମନ୍ତ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ନୀଳାଦ୍ରି ବିହାର ୧୦ ବସ୍ତିରେ ଡ୍ରୋନ୍ ସର୍ଭେ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ଅଧୀନ ୱାର୍ଡ ନଂ-୧୪ରେ ୧୦ଟି ବସ୍ତିରେ ବୁଧବାର ଡ୍ରୋନ୍ ସର୍ଭେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମା' ମଙ୍ଗଳା ବସ୍ତିରେ ସୁକାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କର୍ପୋରେଟର ମୋନାଲିସା ସାହୁ ଯୋଗଦେଇଥିଲେ। ଜାଗା ମିଶନ ଯୋଜନା ଅଧୀନରେ ବସ୍ତିରେ ଡ୍ରେନ୍, ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ୍ ଓ ଷ୍ଟ୍ରିଟ ଲାଇଟ ଆଦି ଯୋଗାଇ ଏହାକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଥିବା ସେ କହିଛନ୍ତି। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଜେଡି ଜିଲା ସାଧାରଣ ସମ୍ପାଦକ ମନୋଜ ସାହୁ, ୧୪ ନମ୍ବର ଓ୍ୱାର୍ଡ ସିଇଓ ଦେବସ୍ମିନୀ ପଟ୍ଟନାୟକ, ଓ୍ୱାର୍ଡ ଅଧିକାରୀ ସୁଜିତ କୁମାର ସ୍ୱାଇଁ, ରଞ୍ଜିତ କୁମାର ସ୍ୱାଇଁ, ଅମିୟ ଦାସ ପ୍ରମୁଖ ଯୋଗଦେଇଥିଲେ। ବସ୍ତିର ସମ୍ପାଦକ ଅର୍ଜୁନ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିୟମ ନ ମାନିଲେ ୧୦ ହଜାର ପର୍ଯ୍ୟନ୍ତ ଜରିମାନା

ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ)

**ପେଟ୍ ଆନିମଲ୍ ଗାଇଡ୍‌ଲାଇନ୍ ପାଇଁ ଚିଠା ପ୍ରସ୍ତୁତ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଖୁବ୍ ଶୀଘ୍ର ପେଟ୍ ଆନିମଲ୍ ଗାଇଡ୍‌ଲାଇନ୍ ଆଣିବାକୁ ଯାଉଛି। ଏନେଇ ଡ୍ରାଫ୍ଟ ପ୍ରସ୍ତୁତ ସରିଥିବାବେଳେ ଏହାକୁ ଅନୁମୋଦନ ପରେ ସାର୍ବଜନୀନ କରାଯିବ। ପରେ ଲୋକଙ୍କ ପରାମର୍ଶ ଏବଂ ଅନ୍ୟ ସମସ୍ତ ଦିଗକୁ ଭିତ୍ତିକରି ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯିବ। ତେବେ ପ୍ରସ୍ତୁତ ହୋଇଥିବା ଡ୍ରାଫ୍ଟ ଅନୁଯାୟୀ କୁକୁରମାନଙ୍କର ରେଜିଷ୍ଟ୍ରେଶନ ଏବଂ ପ୍ରାଣୀ ଚିକିତ୍ସକଙ୍କ ଠାରୁ ଟିକାକରଣର ସାର୍ଟିଫିକେଟ ରଖିବା ବାଧ୍ୟତାମୂଳକ କରାଯାଇଛି। ରେଜିଷ୍ଟ୍ରେଶନ ପାଇଁ ୫ଶହ ଏବଂ ରିନ୍ୟୁ କରିବା ପାଇଁ ୨୫୦ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ରେଜିଷ୍ଟ୍ରେଶନ ଏକ୍ସପାଏରୀ ହେବା ପରେ ରିନ୍ୟୁ କଲେ ୩୫୦ଟଙ୍କା ଦେବାକୁ ପଡିବ। କୁକୁର ମାଲିକମାନଙ୍କୁ ମେଟାଲ ଟୋକନ୍ କିମ୍ବା ଟ୍ୟାଗ୍ ପ୍ରଦାନ କରାଯିବ, ଜଣେ ମାଲିକ ମାତ୍ର ୨ଟି କୁକୁର ରଖିପାରିବେ। ତେବେ ଯେଉଁ ବ୍ୟକ୍ତି ବୁଲାକୁକୁର ବା ରାସ୍ତାକଡ଼ର କୁକୁର ରଖିବେ ସେମାନଙ୍କ ପାଇଁ ରେଜିଷ୍ଟ୍ରେଶନ ଫି' ଛାଡ କରାଯିବ। ସେହିପରି ମୃତ କୁକୁରର ସମାଧି ପାଇଁ ବିଏମ୍‌ସି ପକ୍ଷରୁ ଭ୍ୟାନ ଯୋଗାଇ ଦିଆଯିବ। ଏଥିପାଇଁ ମାଲିକଙ୍କୁ ବିଏମ୍‌ସି ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଦେୟ ଦେବାକୁ ପଡିବ। ସେହିପରି ଯେଉଁବ୍ୟକ୍ତିମାନେ ନିଜ ପୋଷା କୁକୁରଙ୍କୁ ବିଭିନ୍ନ ଖେଳ, ଏବଂ ଡଗ୍ ଶୋ'ରେ ସାମିଲ କରାଇବେ ସେମାନଙ୍କୁ ବିଏମ୍‌ସି ଠାରୁ ଗେମ୍ ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍ ନେବାକୁ ପଡିବ। ଏଥିପାଇଁ ସେମାନଙ୍କୁ ପ୍ରତି କୁକୁର ପିଛା ୨ଶହ ଟଙ୍କା ଦେବାକୁ ପଡିବ। କୁକୁର ମାଲିକି ଏହି ନିୟମକୁ ଉଲ୍ଲଂଘନ କଲେ ପଞ୍ଜୀକରଣ ପ୍ରାଧୀକରଣ ଦ୍ୱାରା ତାଙ୍କୁ ଦଣ୍ଡିତ ହେବାକୁ ପଡିବ, ଏପରିକି ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିପାରେ। ଯଦି ଏହି ଉଲ୍ଲଂଘନ ଜାରି ରହେ ତେବେ ଅତିରିକ୍ତ ଭାବେ ଦିନକୁ ୨ଶହ ଟଙ୍କା ଜରିମାନା ୭ଦିନ ପର୍ଯ୍ୟନ୍ତ ଦେବେ ଏହାପରେ ସମ୍ପୃକ୍ତ କୁକୁରକୁ ସିଜ୍ କରାଯିବ ଏବଂ ତାହାର ରକ୍ଷଣାବେକ୍ଷଣ ପାଇଁ ଦିନକୁ ୨ଶହ ଟଙ୍କା ହିସାବରେ ମାଲିକଙ୍କୁ ଦେବାକୁ ପଡିବ। ୭ଦିନ ଭିତରେ କୁକୁରକୁ ମାଲିକ ନ ନେଲେ ରେଜିଷ୍ଟ୍ରେଶନ ବାତିଲ କରିବା ସହ କୁକୁରକୁ ସାର୍ବଜନିନ ଭାବେ ବିକ୍ରୟ କିମ୍ବା ଆଡପ୍ଟ କରାଯିବ। ସେହିପରି ଗୋଟିଏ ବର୍ଷରେ ଅତି କମ୍‌ରେ ୩ଥର ନିୟମର ଉଲ୍ଲଂଘନ କଲେ ମଧ ରେଜିଷ୍ଟ୍ରେଶନ ବାତିଲ କରାଯିବ। କୁକୁର ଆକ୍ରମଣରେ କାହାକୁ ଆଘାତ ଲାଗିଲେ ବା ମୃତ୍ୟୁ ହେଲେ ଏଥିପାଇଁ ମାଲିକ ଦାୟୀ ରହିବେ। ଏହାବାଦ୍ ବ୍ୟବସାୟିକ ଭିତ୍ତିରେ କୁକୁରଙ୍କୁ ବ୍ୟବହାର କରିବା, ପାଗଳ ଏବଂ ହିଂସ୍ର କୁକୁରଙ୍କୁ କିପରି ଆୟତ୍ତରେ ରଖାଯିବ ଏ ସମସ୍ତ ଦିଗକୁ ଧ୍ୟାନ ଦେଇ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ତ ପ୍ରକ୍ରିୟା ସରିବା ପରେ ଏନେଇ ଟେଣ୍ଡର ଡକାଯିବ ବୋଲି ସୂଚନା ଦିଆଯାଇଛି।

### ବୁଲା ପ୍ରାଣୀଙ୍କ ଚିକିତ୍ସା ପାଇଁ ଜାରିହେବ ହେଲ୍ପଲାଇନ୍

ବୁଲା ପ୍ରାଣୀଙ୍କ ସୁରକ୍ଷା ପାଇଁ ଆଉ ଏକ ଯୋଜନା ପ୍ରସ୍ତୁତ କରୁଛି ବିଏମ୍‌ସି। ରାସ୍ତାରେ ଅନେକ ସମୟରେ ବିଭିନ୍ନ ବୁଲା ପ୍ରାଣୀ କ୍ଷତାକ୍ତ ହୋଇ କଷ୍ଟ ପାଉଥିବା ଦେଖିବାକୁ ମିଳେ। ମାତ୍ର ଅନେକ ଲୋକ ଏନେଇ କାହାକୁ ସୂଚନା ଦେବେ ତାହା ଜାଣି ନ ଥାନ୍ତି। ଆହତ ପ୍ରାଣୀମାନେ କଷ୍ଟ ପାଇବା ସହ ଅନେକ ସମୟରେ ମୃତ୍ୟୁମୁଖରେ ପଡନ୍ତି। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ବିଏମ୍‌ସି ପକ୍ଷରୁ ଖୁବ୍‌ଶୀଘ୍ର ଆନିମଲ ଟ୍ରିଟ୍‌ମେଣ୍ଟ ହେଲ୍ପ ଲାଇନ୍ ନଂ ୧୯୬୨ ଜାରି କରାଯିବ। ମହନଗର ନିଗମାଞ୍ଚଳରେ କୌଣସ ଆହତ ପ୍ରାଣୀ ଦେଖିଲେ ଏହି ନମ୍ବରକୁ କଲ୍ କରି ସୂଚନା ଦେଇପାରିବେ। ଏହି ସ୍ୱତନ୍ତ୍ର ଟିମ୍‌ରେ ପ୍ରାଣୀ ଚିକିତ୍ସକଙ୍କ ସହ ପ୍ରୋଗ୍ରାମ କୋର୍ଡିନେଟର ଏବଂ ଅନ୍ୟାନ୍ୟ ସଦସ୍ୟ ରହିବେ। ଏମାନେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ। ଏଥିପାଇଁ ଖୁବ୍ ଶୀଘ୍ର ଟେଣ୍ଡର ଡକାଯିବ ବୋଲି ସୂଚନା ଦିଆଯାଇଛି।



**ଶ୍ରୀବିଗ୍ରହଙ୍କ ବନକ ଲାଗି ନୀତି ସମ୍ପନ୍ନ**

**ପୁରୀ ଅଫିସ :** ମାର୍ଗଶିର ଶୁକ୍ଳପକ୍ଷ ସପ୍ତମୀ ତିଥି ବୁଧବାର ଅବସରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଏହି ଗୁପ୍ତନୀତିକୁ ଦତ୍ତମହାପାତ୍ର ସେବକମାନେ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ଉତ୍ତାରେ ଏହି ନୀତି ଅନୁଷ୍ଠିତ ହୋଇଥିଲା। ପାଣି ପଡି ମଇଲମ, ତଡପଲାଗି ଏବଂ ପହୁଡ଼ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପାଦନ ଲାଗି ଦତ୍ତମହାପାତ୍ର ସେବକମାନେ ସନ୍ଧ୍ୟା ୭ଟାରେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେବକମାନେ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୩୦।୧୧।୨୦୨୨

| | |
|---|---|
| ୨,୮୬,୯୫୭ ଟଙ୍କା | |
| ସୁନା | ୨୩୦ ମିଲି ଗ୍ରାମ |
| ରୁପା | ୬.୧୫୦ ଗ୍ରାମ |

# ସଜେଇ ହୋଇଛି ଅର୍କକ୍ଷେତ୍ର

କୋଣାର୍କ,୩୦।୧୧(ଡି.ଏନ୍.ଏ.)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ-୨୦୨୨ ଡିସେମ୍ବର ୧ ଗୁରୁବାରଠାରୁ ଆରମ୍ଭ ହେବ। ଏଥିପାଇଁ ଅର୍କକ୍ଷେତ୍ର କୋଣାର୍କ ସହର ଉତ୍ସବ ମୁଖରିତ ହୋଇଥିବାବେଳେ ସମଗ୍ର ଅଞ୍ଚଳ ଏବେ ରଙ୍ଗବେରଙ୍ଗ ଆଲୋକମାଳାରେ ସଜେଇ ହୋଇଛି। ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ବାଲୁକା କଳା ପାଇଁ ନିର୍ମିତ ଷ୍ଟଲଗୁଡ଼ିକରେ ବାଲୁକା ଶିଳ୍ପୀମାନେ ନିଜ ଷ୍ଟଲରେ କଳା ନିପୁଣତାକୁ ପ୍ରଦର୍ଶନ କରିବେ। ଲକ୍ଷ ଲକ୍ଷ ପର୍ଯ୍ୟଟକ ବେଳାଭୂମିରେ ଉପସ୍ଥିତ ରହି ବାଲୁକା ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ସହିତ ମନଭରି ଉପଭୋଗ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ

**ଆଜି କୋଣାର୍କ, ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ**



ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ୮.୩୦ ପର୍ଯ୍ୟନ୍ତ ଆୟୋଜିତ ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭରେ ଓଡ଼ିଶୀ, କଥକ, ମଣିପୁରୀ, ମୋହିନିନାଟ୍ୟମ, ଭାରତନାଟ୍ୟମ ଓ କୁଚିପୁଡ଼ି ନୃତ୍ୟ ପରିବେଷିତ ହେବ। ଏହି ଅବସରରେ ପର୍ଯ୍ୟଟନ ବିଭାଗ ଓ କୋଣାର୍କ ପ୍ରେସ୍ କ୍ଲବ ପକ୍ଷରୁ ବୁଧବାର ସାଇକ୍ଲୋଥନ ଆୟୋଜିତ ହେଉଥିବା ବେଳେ ବସନ୍ତମଞ୍ଜରୀ ପାଠାଗାର ପକ୍ଷରୁ ଗୁରୁବାର ସକାଳ ୮ଟାରେ ଗଣଦୌଡ଼ ଆୟୋଜିତ ହେବ। ୨ତାରିଖରେ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଚନ୍ଦ୍ରଭାଗାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ବେଳାଭୂମି ପଦଯାତ୍ରା, ୪ରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଏବଂ କୋଣାର୍କ ପୁସ୍ତକ ମେଳା କମିଟି ପକ୍ଷରୁ ୭ମ ବାର୍ଷିକ ପୁସ୍ତକ ମେଳା ସହିତ ୫ଦିନ ବ୍ୟାପୀ ସାହିତ୍ୟ ଆସର, କବିତା ପାଠ ଉତ୍ସବ ଆୟୋଜିତ ହେବ। ପର୍ଯ୍ୟଟନ ବିଭାଗ ପକ୍ଷରୁ କଳାପ୍ରେମୀ ଦର୍ଶକଙ୍କ ନିମନ୍ତେ ଟୁର ପ୍ୟାକେଜ ଓ ସିଜନ ଟିକେଟର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। କୋଣାର୍କ ହେଲିପ୍ୟାଡରେ ମିନାବଜାର, ଯାତ୍ରା ହେବା ସହ ଅର୍ବାନହାଟ ପରିସରରେ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହେବ। ମୁକ୍ତାକାଶ ରଙ୍ଗମଞ୍ଚ ରଙ୍ଗତୂଳୀର ଯାଦୁକରୀ ସ୍ପର୍ଶ ଉତ୍ସବସ୍ଥଳକୁ ମତୁଆଲ କରୁଛି। ଥାନା ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ, ଚନ୍ଦ୍ରଭାଗା ବଜାର ଏବଂ ବାଲୁକା କଳା ପ୍ରଦର୍ଶନୀ ଅଞ୍ଚଳକୁ ଉଜ୍ଜ୍ୱଳ ଆଲୋକରେ ଆଲୋକିତ କରାଯାଇଛି।

## ‘ମୋ କୋଣାର୍କ ମୋ ଗର୍ବ’

**କୋଣାର୍କ ପ୍ରେସ୍ କ୍ଲବ ପକ୍ଷରୁ ମିନି ସାଇକ୍ଲୋଥନ**

କୋଣାର୍କ,୩୦।୧୧(ଡି.ଏନ୍.ଏ.)

ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ଓଡ଼ିଶା ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ପ୍ରେସ୍ କ୍ଲବ ପକ୍ଷରୁ ମୋ କୋଣାର୍କ ମୋ ଗର୍ବ ବାର୍ତ୍ତା ନେଇ ମିନି ସାଇକ୍ଲୋଥନ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଏହି ସାଇକ୍ଲୋଥନକୁ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ପରିବେଶବିତ୍ ଦିଲୀପ ଶ୍ରୀଚନ୍ଦନ, ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ପୁରୀ ଜିଲା ଯାଦବ ସଂଘ କାର୍ଯ୍ୟକାରୀ ସଭାପତି ଗୋପାଳ ଚନ୍ଦ୍ର ବେହେରା, ପୁରୀ ଜିଲା ପେଶାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଜବାହାର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଏନ୍.ସି. କର, କାଳୀ ମନ୍ଦିର ସଭାପତି ଦୁଃଶାସନ ନାୟକ, ଚମ୍ପାହାର ଅଗ୍ନିଶମ କେନ୍ଦ୍ର ଅଧିକାରୀ ଜ୍ୟୋତିପ୍ରକାଶ ରଥ, କୋଣାର୍କ ଥାନାଧିକାରୀ ରଞ୍ଜନ ମଲ୍ଲିକ୍, ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋଣାର୍କକୁ ନେଇ ଗର୍ବ କରିବା ବାର୍ତ୍ତାକୁ ବିଶ୍ୱ ବିଦିତ କରିବା ଲକ୍ଷ୍ୟ ନେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ଯୋଗୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ୧୫୦ରୁ ଊର୍ଦ୍ଧ୍ୱ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀଙ୍କ ସହ କୋଣାର୍କ ପ୍ରେସ୍ କ୍ଲବ୍ ସମସ୍ତ ସଭ୍ୟ, ସାମ୍ବାଦିକ ସଂଘ, ମିଡିଆ ଫୋରମ୍‌ର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ୮ କିମି ଯାଏଁ ସାଇକେଲ ଚଳାଇ ମା’ ରାମଚଣ୍ଡୀଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ସମିତିସଭ୍ୟ କାଶୀନାଥ ନାୟକ, ରାମଚଣ୍ଡ ବଜାର କମିଟି ସଭ୍ୟ, ବୋଟ ଆସୋସିଏଶନର ସଭ୍ୟମାନେ ସ୍ୱାଗତ କରିଥିଲେ। ପରେ ସେଠାରେ ଚାରାରୋପଣ କରାଯାଇଥିବାବେଳେ ସର୍ବକନିଷ୍ଠ ସାଇକ୍ଲୋଥନରେ ଯୋଗଦେଇଥିବା ବ୍ୟକ୍ତିଙ୍କୁ କରୋନା ଯୋଦ୍ଧା ସଂଗ୍ରାମକେଶରୀ ମହାପାତ୍ରଙ୍କ ସ୍ମୃତି ଲାଗି ୫୦୧ ଟଙ୍କା ପୁରସ୍କାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରେସ୍ କ୍ଲବ୍ ଉପଦେଷ୍ଟା ସଞ୍ଜୟ ପତି, ଧନଞ୍ଜୟ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପଦ୍ମଫୁଲ ତୋଳିବାକୁ ଯାଇ ପୋଖରୀରେ ବୁଡ଼ି ଜଣେ ମୃତ

**ଗୋପ,୩୦।୧୧(ଡି.ଏନ୍.ଏ.):** ମାଣବସା ଗୁରୁବାର ପୂଜା ପାଇଁ ପୋଖରୀରୁ ପଦ୍ମଫୁଲ ଆଣିବାକୁ ଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ବାଲିକନ୍ଦଳ ଗ୍ରାମର କୈଳାସ ମୁଦୁଲି (୪୫)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ସୂଚନା ମୁତାବକ, କୈଳାସ ପଦ୍ମଫୁଲ ଆଣିବାକୁ ନିକଟସ୍ଥ ଦକ୍ଷିଣେଶ୍ୱର ପୋଖରୀକୁ ଯାଇଥିଲେ। ଫୁଲ ତୋଳିବା ସମୟରେ ତାଙ୍କ ଗୋଡ଼ରେ ପଦ୍ମନାଡ଼ ଲାଗିଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକେ ପୋଖରୀରେ କୈଳାସଙ୍କ ମୃତଦେହ ଭାସୁଥିବା ଦେଖି ଗୋପ ଦମକଳବାହିନୀକୁ ଫୋନ କରିଥିଲେ। ଦମକଳବାହିନୀ ତାଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନିଜ ଅଧିକାର ହାସଲ ପାଇଁ କର୍ତ୍ତବ୍ୟ କରିବା ଜରୁରୀ

**ପୁରୀ ଅଫିସ,୩୦।୧୧:** ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କ ଆଦେଶ ଅନୁସାରେ ଶିଶୁ ସୁରକ୍ଷା ଓ ଯତ୍ନ ଆଇନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ସଚିବ ଦେବାଶିଷ ଦାଶଙ୍କ ତତ୍ତ୍ୱାବଧାନରେ ବୁଧବାର ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ସପ୍ତାହ ପାଳନ ଅବସରରେ ସମ୍ବିଧାନର ମୌଳିକ କର୍ତ୍ତବ୍ୟ, ଶିଶୁ ଯୌନ ବିରୋଧ ଆଇନ ଓ କିଶୋର ନ୍ୟାୟ ସମ୍ପର୍କିତ ସଚେନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରାଧିକରଣ ସଚିବ ଦାଶ କହିଥିଲେ, ସମ୍ବିଧାନର ଧାରା ୫୧(କ) ପ୍ରଦତ୍ତ ମୌଳିକ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ପରି, ନିଜର ଅଧିକାର ପାଇବା ପାଇଁ ହେଲେ ନିଜ କର୍ତ୍ତବ୍ୟ କରିବା ନିହାତି ଦରକାର। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକଅଦାଲତର ଅଧ୍ୟକ୍ଷା ସୁଶ୍ରୀ ପ୍ରତିମା ପଣ୍ଡା ଯୋଗଦେଇ ଶିଶୁ ଯୌନ ନିରୋଧ ଆଇନ ପାଇଁ ବ୍ୟାପକ ଜନ ସଚେତନତାର ଆବଶ୍ୟକ ରହିଛି ବୋଲି କହିଥିଲେ। ପୁରୀ ଓକିଲ ସଂଘର ଆଇନଜୀବୀ ସୁଦଶା ପଣ୍ଡା ଓ ବିଜୟା ନନ୍ଦ ମିଶ୍ର କିଶୋର ନ୍ୟାୟ ପରିଷଦର ସଦସ୍ୟ ଉପସ୍ଥିତ ରହି ଶିଶୁ ଯୌନ ନିରୋଧ ଆଇନ ଓ କିଶୋର ନ୍ୟାୟ ଶିଶୁ ସୁରକ୍ଷା ଯତ୍ନ ଆଇନ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ରିଡର ଡା. ହରପ୍ରିୟା ଦାଶ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ସାମିଲ ଥିଲେ।




ଓଡ଼ିଶା ବହୁମୁଖୀ ରାଜ୍ୟ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ବିଭିନ୍ନ ଦାବି ନେଇ ପୁରୀ ଜିଲା ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

### ପୁସ୍ତକ ଲୀଳାମୟ ନୀଳାଦ୍ରୀଶ ଉନ୍ମୋଚିତ

ପୁରୀ ଅଫିସ,୩୦।୧୧

ଶ୍ରୀଜଗନ୍ନାଥ ମନ୍ଦିରର ଇତିହାସ ସହ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ ତଥ୍ୟ ଓ ତତ୍ତ୍ୱ ଉପରେ ଆଧାରିତ ଗବେଷଣାତ୍ମକ ପୁସ୍ତକ ଲୀଳାମୟ ନୀଳାଦ୍ରୀଶ ଶ୍ରୀମନ୍ଦିର ସିଂହଦ୍ୱାରରେ ବୁଧବାର ଉନ୍ମୋଚିତ ହୋଇଛି। ଉତ୍ସବରେ ଗୀତିକାର ବଦ୍ରି ମିଶ୍ର, ଦଇତାପତି ସେବକ ମନୋଜ ଦାସମହାପାତ୍ର ଓ ସଂଗଠକ ମଧୁସୂଦନ ମିଶ୍ର ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିବା ସହ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ହୋଇଥିବାରୁ ଲୋକଙ୍କୁ ମହାପ୍ରଭୁଙ୍କ ଇତିହାସ ସମ୍ପର୍କରେ ଜାଣିବାକୁ ପାଇବେ। ପୁସ୍ତକର ରଚୟିତା ଗବେଷକ କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ସମ୍ପାଦକ ରବୀନ୍ଦ୍ର ନାଥ ଦାନ୍ ଓ ପ୍ରଣବ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

### ପୋଲିସର ବାର୍ଷିକ ବନ୍ଧୁକ ଚାଳନା ପରୀକ୍ଷା ଶିବିର ଉଦ୍‌ଯାପିତ

ଡେଲାଙ୍ଗ,୩୦।୧୧(ଡି.ଏନ୍.ଏ.)

ଜିଲା ପୋଲିସ ପକ୍ଷରୁ ବାର୍ଷିକ ବନ୍ଧୁକ ଚାଳନା ପରୀକ୍ଷା ଶିବିର ଡେଲାଙ୍ଗ ବ୍ଲକ ଅଧୀନ କୁଆପଦା ଛକ ସନ୍ନିକଟ ମୁଣ୍ଡିଆ ପାର୍ଶ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୭ ତାରିଖଠାରୁ ଏହି ପରୀକ୍ଷା ଶିବିର ଆରମ୍ଭ ହୋଇଥିବାବେଳେ ବୁଧବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବଡ଼ଜେନା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସହକାରୀ ଦୁର୍ଗପତି ଘନଶ୍ୟାମ ହେମ୍ବ୍ରମ୍, ଉପ-ଦୁର୍ଗପତି କୌଶିକ ନାୟକ, ରିଜର୍ଭ ନିରୀକ୍ଷକ ଚନ୍ଦ୍ରଶେଖର ଦାସ, ନିମାପଡ଼ା ଉପଆରକ୍ଷୀ ଅଧୀକ୍ଷକ ଦେବାଶିଷ ମିଶ୍ର, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଟାଉନ ଏସ୍‌ଡିପିଓ କେ. କେ. ହରିପ୍ରସାଦ, ସଦର ଏସ୍‌ଡିପିଓ କିଶୋର ମୁଣ୍ଡ, ଡେଲାଙ୍ଗ ଥାନା ନିରୀକ୍ଷକ ଅନିଲ ମହାନ୍ତିଙ୍କ ସମେତ ବିଭିନ୍ନ ଥାନାରେ କାର୍ଯ୍ୟରତ ନିରୀକ୍ଷକ, ଉପନିରୀକ୍ଷକ ଓ ଉପ-ସହକାରୀ ନିରୀକ୍ଷକ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ୍ ଓ ଡେଲାଙ୍ଗ ଥାନା ଏସ୍‌ଆଇ ପ୍ରଭୁଦତ୍ତ ବିଶ୍ୱାଳ ଶିବିର ପରିଚାଳନା କରିଥିଲେ।

### ତାଳପତ୍ର ଶିଳ୍ପୀ ବିରଞ୍ଚି ନାରାୟଣଙ୍କୁ ରାଷ୍ଟ୍ରୀୟ ପୁରସ୍କାର

**ବଳଙ୍ଗା,୩୦।୧୧(ଡି.ଏନ.ଏ.):** ବଳଙ୍ଗା ବ୍ଲକ ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତ ଅଧୀନ ମୈକୁବେଗ ଗ୍ରାମର ତାଳପତ୍ର ଶିଳ୍ପୀ ବିରଞ୍ଚି ନାରାୟଣ ବେହେରା ନିଜ କଳାକୃତି ପାଇଁ ବେଶ ପରିଚିତ। ନିକଟରେ ସେ ଏକ ତାଳପତ୍ରରେ ଶ୍ରୀକୃଷ୍ଣଙ୍କ ଲୀଳା ଖୋଦେଇ କରିଥିଲେ, ଯାହା ଦେଶରେ ବେଶ୍ ଆଦୃତ ହୋଇଥିଲା। ଏହି ସୁନ୍ଦର କଳା କାରିଗରୀ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ପୁରସ୍କାର ପ୍ରଦାନ କରାଯାଇଛି। ନିକଟରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ହସ୍ତଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ ଶିଳ୍ପୀ ବିରଞ୍ଚି ନାରାୟଣଙ୍କୁ ଉତ୍ତରୀୟ, ମାନପତ୍ର ଓ ଅଷ୍ଟଧାତୁ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି।

## ବିଶ୍ରାମ ଶିଳାକୁ ଦେହରେ ବୋଳିଲେ ଭଲ ହୁଏ ରୋଗ

କାକଟପୁର,୩୦।୧୧(ଡି.ଏନ୍.ଏ)

ମା’ମଙ୍ଗଳାଙ୍କ ମନ୍ଦିରରେ ରହିଛି ଏକ ବିଶ୍ରାମ ଶିଳା। ପ୍ରାଚୀ ନଦୀରୁ ମା’ଙ୍କୁ ଉଦ୍ଧାର କରିବାବେଳେ ଏହି ବିଶ୍ରାମ ଶିଳା ଉଦ୍ଧାର କରାଯାଇଥିଲା। ପ୍ରତ୍ୟେକ ଦିନ ମା’ଙ୍କ ନୀତିକାନ୍ତି ସାରିବା ପରେ ପହୁଡ଼ ପଡିଥାଏ। ସେବାୟତଙ୍କ ଦ୍ୱାରା ଏହି ବିଶ୍ରାମ ଶିଳାକୁ ପୂଜାର୍ଚ୍ଚନା କରି ମା’ଙ୍କ ଦେହରେ ଲାଗି ହୋଇଥିବା ମାଳ ପୂଜାପଣ୍ଡା ଆଣି ଏହି ଶିଳା ଉପରେ ପକାଇ କାର୍ଯ୍ୟକୁ ସମାପନ କରିଥାନ୍ତି। ମା’ ସବୁଦିନ ସିଂହ ଉପରେ ବସି ନିଶାର୍ଦ୍ଧ ରାତିରେ ପୁରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଆନ୍ତି। ପରେ ଆସି ମା’ ଏହି ବିଶ୍ରାମ ଶିଳା ଉପରେ ବସି ତପସ୍ୟା କରୁଥିବା ପୁରାଣରେ ବର୍ଣ୍ଣିତ। ହେଲେ ବର୍ତ୍ତମାନ ଏହି ଶିଳା ଆସ୍ତେ ଆସ୍ତେ ଅବକ୍ଷୟ ହେଉଥିବା ଦେଖିବାକୁ ମିଳୁଛି। ମା’ଙ୍କ ଲୁଗାର ଛାପ, ଆସ୍ଥାନ ପଛପଟେ ଜଟାର ଚିହ୍ନ ଏବଂ ପାଦର ଅଙ୍ଗୁଳି ଚିହ୍ନ ଏହି ଶିଳା ଉପରେ ଏବେ ବି ଦୃଶ୍ୟମାନ ହୁଏ। ଯାହାକୁ ଦେଖି ଭକ୍ତ ଶିଳାକୁ ମୁଣ୍ଡିଆ ମାରି ସ୍ପର୍ଶ କରି ଦେହରେ ବୋଳିଲେ ବହୁ ରୋଗ ଦୂର ହୁଏ ବୋଲି ଭକ୍ତ କୁହନ୍ତି। ଏହି ଶିଳାର ତଳେ ଥିବା ପଦ୍ମକଢିରେ ମା’ଙ୍କ ପାଦଚିହ୍ନ ଦେଖିବାକୁ ମିଳେ।

## ୫ ଦଫା ଦାବିରେ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ବିକ୍ଷୋଭ




**ସ୍ୱାସ୍ଥ୍ୟ ସେବା ବନ୍ଦ କରିବାକୁ ଅଭିଯୋଗ**

ଗୋପ,୩୦।୧୧(ଡି.ଏନ୍.ଏ.)

୫ ଦଫା ଦାବି ନେଇ ବୁଧବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ଶତାଧିକ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକମାନେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯଦି ସରକାର ଆମ ଦାବିକୁ କର୍ଣ୍ଣପାତ ନ କରନ୍ତି, ତେବେ ସଂଘ ନିଷ୍ପତ୍ତି ଅନୁଯାୟୀ ସ୍ୱାସ୍ଥ୍ୟସେବା ବନ୍ଦ କରିବାକୁ ବାଧ ହେବୁ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ସୂଚନା ମୁତାବକ, ଦୀର୍ଘଦିନ ଧରି ଏହି ପଦବୀରେ ରହିଥିବା ମହିଳା ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକ ରୋଗୀଙ୍କ ସେବା କରୁଥିଲେ ମଧ ସରକାର ପରି କାର୍ଡର ପୁନର୍ଗଠନ, ଚାକିରି କ୍ଷେତ୍ରରେ ୪ ଗୋଟି ପଦୋନ୍ନତି, ଗ୍ରେଡ୍ ପେ ଅର୍ଥକୁ ଆର୍‌ଏସିପି ଆକାରରେ ପ୍ରଦାନ ସହିତ ୫ ଗୋଟି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏପରି ଅଭିଯୋଗକୁ ନେଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଜସ୍ମିନ୍ ଆଫ୍ରୋଜଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କ ସହିତ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିକ୍ଷୋଭରେ ମନୋଜ ମହାନ୍ତି, ରାଜେଶ ପାଇକରାୟ, ଉଷାରାଣୀ ମହାନ୍ତି, ଅଶୋକ ସେଠୀ, ଜୟନ୍ତୀ ପ୍ରଧାନ, ହୀରାମଣି ନାୟକ, ପୁଷ୍ପିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ପରିଦର୍ଶନରେ ବିଡିଓ: କାର୍ଯ୍ୟାଳୟ ଖାଲି

**କର୍ମଚାରୀଙ୍କୁ ନ ପାଇ ଫେରିଲେ ଲୋକେ**

ସାକ୍ଷୀଗୋପାଳ,୩୦।୧୧ (ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ବିଡିଓ ଓ କେତେଜଣ ବିଭାଗୀୟ ଯନ୍ତ୍ରୀ ବୁଧବାର ବିଭିନ୍ନ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପରିଦର୍ଶନରେ ଯାଇଥିଲେ। ହେଲେ ଏହି ସମୟରେ ବ୍ଲକର କର୍ମଚାରୀ କାର୍ଯ୍ୟାଳୟରେ ନ ଥିବା ଅଭିଯୋଗ ହୋଇଛି। ଖବର ଅନୁଯାୟୀ, ସତ୍ୟବାଦୀ ବ୍ଲକର ରାୟଖଣ୍ଡି, ମହୁରା, କେତକୀପାଟଣା, ବଳରାମପୁରଗଡ଼ ପଞ୍ଚାୟତକୁ ବିଡିଓ ଲୋଚନ ଦାସ, ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀଙ୍କ ସହ ବୁଧବାର ଗସ୍ତରେ ଯାଇଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ତଦାରଖ କରିଥଲେ। ଏହି ସମୟରେ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟାସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଏବଂ ଜିଆରଏସ୍‌ଙ୍କ ସହ ବିଡିଓ ଆଲୋଚନା କରିଥିଲେ। ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ଓ ପଞ୍ଚାୟତ ପ୍ରତିନିଧିମାନେ ପ୍ରଶାସନିକ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ପରେ ଗସ୍ତରେ ଯାଇଥିବା କର୍ମଚାରୀମାନଙ୍କୁ ଏକ ଭୋଜିରେ ଆପାୟିତ କରିବା ନିମନ୍ତେ ନିକଟବର୍ତ୍ତୀ ଏକ ଦେବୀ ମନ୍ଦିରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଅନ୍ୟପଟେ ଏହି ସମୟରେ ବ୍ଲକ କାର୍ଯ୍ୟାଳୟର ଅଧିକାଂଶ ସେକ୍ସନ ଖାଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ଅଧିକାରୀମାନେ ପଞ୍ଚାୟତ ପରିଦର୍ଶନରେ ଯାଇଥିବା ସୁଯୋଗରେ କେତେଜଣ କର୍ମଚାରୀ ମଧ୍ୟାହ୍ନ ପରେ ଆଉ ଅଫିସ ଫେରି ନଥିଲେ। ସେପଟେ ଏହି ସମୟରେ ବିଭିନ୍ନ କାମ ପାଇଁ ବ୍ଲକକୁ ଆସିଥିବା କେତେଜଣ ହିତାଧିକାରୀ ଅଫିସ ଖାଲି ପଡିଥିବା ଦେଖି ନିରାଶରେ ଫେରିଥିବା କହିଛନ୍ତି। ବାମଦେଇପୁରରୁ ଆସିଥିବା ଟୁକୁନା ଦେଇ, ମଧୁନ ପଞ୍ଚାୟତର ଜଗନ୍ନାଥ ସାହୁ, ସାଣ୍ଢରା ପଞ୍ଚାୟତର ନିତ୍ୟାନନ୍ଦ ମହାନ୍ତି, ଦୁଗଲ ସରପଞ୍ଚଙ୍କ ପ୍ରତିନିଧି କାଳୁଚରଣ କାଣ୍ଡି କାର୍ଯ୍ୟାଳୟରେ କେହି କର୍ମଚାରୀ ନ ଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିବାସହ ଏହାର ତଦନ୍ତ ଦାବି କରିଛନ୍ତି। ସେହିପରି ସରକାରୀ ଚିଠି ନେଇ ବ୍ଲକକୁ ଆସିଥିବା ସାକ୍ଷୀଗୋପାଳ ଡାକବିଭାଗ କର୍ମଚାରୀ ଉମାକାନ୍ତ ପଣ୍ଡା କର୍ମଚାରୀଙ୍କୁ ଚିଠି ଦେବାକୁ ଅପେକ୍ଷା କରିଥିଲେ। ତେବେ ବ୍ଲକ କାର୍ଯ୍ୟାଳୟରେ ଲଗାଯାଇଥିବା ସିସି କ୍ୟାମେରାକୁ ଅନୁଧ୍ୟାନ କଲେ ଅଭିଯୋଗର ସତ୍ୟ ଜଣାପଡିବ ବୋଲି ଅଭିଯୋଗକାରୀମାନେ ଗଣମାଧ୍ୟମକୁ କହିଛନ୍ତି। ଏ ନେଇ ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉତ୍ତର ମିଳିନାହିଁ।



